# ଓଡ଼ିଶା ଉଚ୍ଚ ନ୍ୟାୟାଳୟ : କଟକ

## <u>ସି. ଏମ୍. ପି. ସଂଖ୍ୟା 64/2023</u>

(ଭାରତର ସମ୍ବିଧାନ, 1950 ର ଧାରା 227 ଅନୁଯାୟୀ, ଏକ ଆବେଦନ ପ୍ରସଙ୍ଗରେ)

*************

*ମମତା ସାମନ୍ତରାୟ* ..... *ଆବେଦନକାରୀ*

ଶ୍ରୀଯୁକ୍ତ ବିବେକାନନ୍ଦ ଭୂୟାଁ , ଅଧିବକ୍ତା

- ବନାମ -

*ସରସ୍ୱତୀ ପାତ୍ର* ..... *ପ୍ରତିପକ୍ଷ*

ଶ୍ରୀଯୁକ୍ତ ବଂଶୀଧର ବାଗ, ଅଧିବକ୍ତା

---

**ବିଚାର ତାରିଖ : 03.05.2023**

---

**ପୀଠାସୀନ:**

**ନ୍ୟାୟମୂର୍ତ୍ତି କୃଷ୍ଣରାମ ମହାପାତ୍ର**

**<u>ରାୟ</u>**

***କୃଷ୍ଣରାମ ମହାପାତ୍ର, ନ୍ୟାୟମୂର୍ତ୍ତି***

1 . ଏହି ପ୍ରସଙ୍ଗକୁ ଆଭାସୀ /ଭୌତିକ ମାଧ୍ୟମରେ ନିଆଯାଇଅଛି |

2. ସି.ଏସ୍. ସଂଖ୍ୟା 310/2017 ରୁ ଉତ୍ପନ୍ନ ସି.ଏମ୍.ଏ. ସଂଖ୍ୟା 69/2021 ରେ ମାନ୍ୟବର ପ୍ରଥମ ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି, ଭୁବନେଶ୍ୱର ତା.12 ଅକ୍ଟୋବର 2022 ରିଖ (ସଂଲଗ୍ନକ-2)ରେ ଯେଉଁ ଆଦେଶ ପ୍ରଦାନ କରିଥିଲେ, ତାହାକୁ ଆପତ୍ତି କରି ମାନ୍ୟବର ଜିଲ୍ଲା ଜଜ୍, ଖୋର୍ଦ୍ଧା ଙ୍କ ଇଜିଲାସ ରେ ଏଫ୍.ଏ.ଓ. ସଂଖ୍ୟା 162/2022 ଦାୟର କରାଯାଇଥିଲା । ତା. 20 ଡିସେମ୍ବର, 2022 ରିଖରେ, ଏଥିରେ ପାରିତ ହୋଇଥିବା ଆଦେଶ ମାଧ୍ୟମରେ ମାନ୍ୟବର ଜିଲ୍ଲା ଜଜ୍,ଖୋର୍ଦ୍ଧା, ପ୍ରଥମ ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ତା. 12 ଅକ୍ଟୋବର 2022 ରିଖରେ ଦେଇଥିବା ତାଙ୍କର ଆଦେଶ, ଯାହା ମାଧ୍ୟମରେ ସେ ଆଦେଶ IX ନିୟମ 13 ସୃଜିତ ଦରଖାସ୍ତକୁ ଅଗ୍ରାହ୍ୟ କରିଥିଲେ, ତାହାକୁ କାଏମ୍ ରଖିଥିଲେ ଏବଂ ପରିମାଣ ସ୍ୱରୂପ ଏଫ୍.ଏ.ଓ. ସଂଖ୍ୟା 162/2022 କୁ ରଦ୍ଦ

କରିଦେଇଥିଲେ । ଏହି ସି.ଏମ୍.ପି. ମାଧ୍ୟମରେ ମାନ୍ୟବର ଜିଲ୍ଲା ଜଜ୍ ଙ୍କର ସେହି ଆଦେଶ ବିରୁଦ୍ଧରେ ଆପତ୍ତି ଦାଖଲ ହୋଇଛି ।

3. ଏହି ମାମଲାର ତଥ୍ୟଗୁଡ଼ିକ ଅଧିକ ବିବାଦୀୟ ନୁହେଁ । ବାଦୀ/ଅପରପକ୍ଷ, ଦଖଲ ଉଚ୍ଛେଦ, ବକେୟା ମାସିକ ଭଡ଼ା, ବକେୟା ବିଦ୍ୟୁତ ଏବଂ ଜଳ ଶୁଳ୍କ ସହିତ ପ୍ରତିବାଦୀ-ଆବେଦନକାରୀଙ୍କ ଠାରୁ କ୍ଷତିପୂରଣ ଆଦାୟ ପାଇଁ ସିଏସ୍ ସଂଖ୍ୟା 310/2017 ଦାଖଲ କରିଥିଲେ । 6 ଏପ୍ରିଲ, 2018 ରେ, ବାଦୀ ତାଙ୍କର ସାକ୍ଷ୍ୟ ସତ୍ୟପାଠ ମାଧ୍ୟମରେ ଦାଖଲ କରିଥିଲେ ଏବଂ ଏହାର ନକଲ ପ୍ରତିପକ୍ଷଙ୍କ ନିକଟରେ ଦାଖଲ କରିଥିଲେ । 11 ଏପ୍ରିଲ, 2018 ରେ, ବାଦୀ ପି.ଡବ୍ଲ୍ୟୁ. -1 ଭାବରେ ସାକ୍ଷ୍ୟ ପ୍ରଦାନ କରି ଏକ୍ସ.ଟ. -1 ରୁ ଏକ୍ସ.ଟ. -15 (ଦସ୍ତାବିଜ ସମୂହ) ପ୍ରମାଣତା ପୂର୍ବକ ପ୍ରଦର୍ଶିତ କରିଥିଲେ । ପ୍ରତିବାଦୀଙ୍କ ଦ୍ୱାରା ତାଙ୍କୁ ମଧ୍ୟ ଆଂଶିକ ଭାବରେ ଜେରା କରାଯାଇଥିଲା । 8 ମେ, 2018 ରେ, ବାଦୀଙ୍କ ତରଫରୁ ପ୍ରମାଣ ପ୍ରଦାନ ଶେଷ ହୋଇଥିଲା ଏବଂ ପ୍ରତିବାଦୀ ତରଫରୁ ପ୍ରମାଣ ଦାଖଲ କରିବା ପାଇଁ ମକଦ୍ଦମା 10 ମେ,2018 କୁ ନିର୍ଦ୍ଧାରିତ କରାଯାଇଥିଲା । ଅନେକ ଥର ସ୍ଥଗିତାଦେଶ ପରେ, ପ୍ରତିବାଦୀ 2020 ଜାନୁଆରୀ 25 ତାରିଖରେ ପି.ଡବ୍ଲ୍ୟୁ.-1 କୁ ଅଧିକ ଜେରା ପାଇଁ ଡାକିବାକୁ ଏକ ଦାବୀ ଦାଖଲ କରିଥିଲେ, ଯାହାକୁ ଅନୁମତି ଦିଆଯାଇଥିଲା । ତତ୍ ପଶ୍ଚାତ୍, ପି.ଡବ୍ଲ୍ୟୁ.-1 କୁ 15 ଫେବୃଆରୀ,2020 ରେ ଜେରା କରାଯାଇ ତାହାଙ୍କର ପ୍ରମାଣ ପ୍ରଦାନର ସମାପ୍ତି ଘୋଷଣା ହୋଇଥିଲା ।

3.1 ଏହା ପରେ, ପ୍ରତିବାଦୀ ତରଫରୁ ପ୍ରମାଣ ଗ୍ରହଣ ପାଇଁ ମକଦ୍ଦମାକୁ 17 ଫେବୃଆରୀ, 2020 କୁ ସ୍ଥଗିତ ରଖାଯାଇଥିଲା । ଯେହେତୁ ପ୍ରତିବାଦୀ ଅନେକ ଥର ସ୍ଥଗିତାଦେଶ ନେଇଥିଲେ ଏବଂ ପ୍ରମାଣ ପ୍ରଦାନ କରି ମକଦ୍ଦମାର ବିଚାର ଉପସଂହାର କରିବା ପାଇଁ ସହଯୋଗ କରିନଥିଲେ, ବାଦୀ ସିଏମପି ସଂଖ୍ୟା 112/2020 ମାଧ୍ୟମରେ ଏହି ନ୍ୟାୟାଳୟ ର ଦ୍ୱାରସ୍ଥ ହୋଇଥିଲେ ଏବଂ ଏଥିରେ 6 ଫେବୃଆରୀ, 2020 ରେ ଦିଆଯାଇଥିବା ଆଦେଶ ଆଧାରରେ ଦୈନିକ ମକଦ୍ଦମାର ଶୁଣାଣି ଧାର୍ଯ୍ୟ ହୋଇଥିଲା । ତଦନୁସାରେ, ପ୍ରତିବାଦୀଙ୍କ ପ୍ରମାଣ ପ୍ରଦାନ ପାଇଁ ମକଦ୍ଦମାଟି 7 ମାର୍ଚ୍ଚ, 2020 କୁ ଧାର୍ଯ୍ୟ କରାଯାଇଥିଲା, ଯେଉଁ ତାରିଖରେ ପ୍ରତିବାଦୀଙ୍କ ଦ୍ୱାରା ମୁଲତବି ପାଇଁ ଏକ ଆବେଦନ ଦାଖଲ କରାଯାଇଥିଲା । ବାଦୀଙ୍କର ଖର୍ଚ୍ଚ ବାବଦକୁ 100 ଟଙ୍କା ଦେୟ ଭିତ୍ତିରେ ଉକ୍ତ ଆବେଦନକୁ ଗ୍ରହଣ କରାଯାଇଥିଲା ।

3.2 ଏହା ପରେ, ଏହି ମକଦ୍ଦମାକୁ 7 ମାର୍ଚ୍ଚ, 2020 ରୁ 4 ଅକ୍ଟୋବର, 2021 ପର୍ଯ୍ୟନ୍ତ ବିଭିନ୍ନ ତାରିଖକୁ ସ୍ଥଗିତ ରଖାଯାଇଥିଲା । 4 ଅକ୍ଟୋବର, 2021 ରେ, ପ୍ରତିବାଦୀ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରହି ମୁଲତବି ପାଇଁ ଏକ ଆବେଦନ ଦାଖଲ କରିଥିଲେ, ଯାହାକୁ ପ୍ରତିବାଦୀଙ୍କ ପକ୍ଷରୁ ପ୍ରମାଣ ଉପସ୍ଥାପନ ପାଇଁ ଶେଷ ସୁଯୋଗ ଭାବରେ ଅକ୍ଟୋବର 5, 2021 କୁ ସ୍ଥଗିତ ରଖିବାକୁ ଅନୁମତି ଦିଆଯାଇଥିଲା । ପୁଣି 5 ଅକ୍ଟୋବର, 2021ରେ, ପ୍ରତିବାଦୀଙ୍କ ପାଇଁ ବିଜ୍ଞ ଅଧିବକ୍ତା, ପ୍ରତିବାଦୀଙ୍କ ଅସୁସ୍ଥତା କାରଣରୁ ମୁଲତବି ପାଇଁ ଏକ ଆବେଦନ କରିଥିଲେ । ଉକ୍ତ ଆବେଦନକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା ଏବଂ ପ୍ରତିବାଦୀ ଆବେଦନକାରୀ ପକ୍ଷରୁ ପ୍ରମାଣ ପ୍ରଦାନର ସୁଯୋଗର ଅନ୍ତ କରାଯାଇଥିଲା । ଏହିପରି ଏହି ମକଦ୍ଦମାକୁ ତର୍କ ପାଇଁ 2021 ଅକ୍ଟୋବର 7 ତାରିଖକୁ ଧାର୍ଯ୍ୟ କରାଯାଇଥିଲା । 7 ଅକ୍ଟୋବର, 2021 ରେ ପ୍ରତିପକ୍ଷ ଅନୁପସ୍ଥିତ ଥିବାରୁ ବାଦୀ ଆଂଶିକ ଯୁକ୍ତି ବାଢିଥିଲେ । ଏହା ପରେ ଏହି ମାମଲାକୁ ଅଧିକ ତର୍କ ପାଇଁ ପରବର୍ତ୍ତୀ ଦିନ ଅର୍ଥାତ୍ 8 ଅକ୍ଟୋବର, 2021 କୁ ଧାର୍ଯ୍ୟ କରାଯାଇଥିଲା । ଉକ୍ତ ତାରିଖରେ ପ୍ରତିବାଦୀ ଲିଖିତ ବିବରଣୀରେ ସଂଶୋଧନ ପାଇଁ ଆଦେଶ VI ନିୟମ 17 ସିପିସି ଅନୁଯାୟୀ ଏକ ଆବେଦନ ଦାଖଲ କରିଥିଲେ, ଯାହାକୁ ସେହି ଦିନ ହିଁ ପ୍ରତ୍ୟାଖ୍ୟାନ କରାଯାଇ ତର୍କ ଗ୍ରହଣ କରାଯାଇଥିଲା । ପରିମାଣ ସ୍ୱରୂପ,11ଅକ୍ଟୋବର,2021ରେ ଏହି ମାମଲାର ରାୟ ଉଭୟ ପକ୍ଷଙ୍କର ଉପସ୍ଥିତି ଆଧାରରେ ପ୍ରକାଶିତ ହୋଇଥିଲା । ଏହି ଆଦେଶନାମା ଅକ୍ଟୋବର 27, 2021ରେ ସ୍ୱାକ୍ଷରିତ ହୋଇଥିଲା ।

3.3 ନଭେମ୍ବର 3 , 2021 ରେ, ପ୍ରତିବାଦୀ ଆଦେଶ IX ନିୟମ 13 ସିପିସି (ସି.ଏମ୍.ଏ. ସଂଖ୍ୟା 69/2021) ଅନୁଯାୟୀ ସିଏସ୍ ସଂଖ୍ୟା 310/2017 ରେ ପାରିତ ହୋଇଥିବା ରାୟ ଏବଂ ଆଦେଶନାମା କୁ ରଦ୍ଦ କରିବା ପାଇଁ ଏକ ଆବେଦନ ଦାଖଲ କରିଥିଲେ, ଯେଉଁଥିରେ ଦର୍ଶାଯାଇଥିଲା ଯେ ଏହି ମକଦ୍ଦମାକୁ ଏକତରଫା ଭାବରେ ଘୋଷଣା କରାଯାଇଅଛି । ବାଦୀ 22 ଜୁନ୍, 2022 ରେ ଆପତ୍ତି ଦାଖଲ କରି କହିଥିଲେ ଯେ, ଆଦେଶ 9 ନିୟମ 13 ସିପିସି ଅଧୀନରେ ଆବେଦନଟି ଗ୍ରହଣୀୟ ନୁହେଁ, କାରଣ ମକଦ୍ଦମାଟି ଉଭୟପକ୍ଷଙ୍କର ଏଥିରେ ଭାଗନେବା ଦୃଷ୍ଟେ ଫଇସଲା କରାଯାଇଥିଲା । ପ୍ରଥମ ଅତିରିକ୍ତ ଦେୱାନୀ ବିଚାରପତି (ବରିଷ୍ଠ ବିଭାଜନ), ଭୁବନେଶ୍ୱର ପକ୍ଷମାନଙ୍କୁ ଶୁଣିବା ପରେ, ଅକ୍ଟୋବର 12,2022 (ସଂଲଗ୍ନକ-2) ର ଆଦେଶ ଅନୁଯାୟୀ ଆଦେଶ 9 ନିୟମ 13 ସିପିସି ଅନୁଯାୟୀ ଆବେଦନଟି ଗ୍ରହଣଯୋଗ୍ୟ ନୁହେଁ ବୋଲି ରାୟ ଦେଇଥିଲେ କାରଣ ଏହି ମକଦ୍ଦମାଟି

ଉଭୟପକ୍ଷଙ୍କର ଏଥିରେ ଭାଗନେବା ଦୃଷ୍ଟେ ଫଇସଲା ହୋଇଥିଲା । ଉକ୍ତ ଆଦେଶରେ ଅସନ୍ତୁଷ୍ଟ ହୋଇ ପ୍ରତିପକ୍ଷ-ଆବେଦନକାରୀ ଏଫ୍ଏଓ ସଂଖ୍ୟା 162/2022 ଦରଜ କରିଥିଲେ । ଭୁବନେଶ୍ୱରରେ ଥିବା ମାନ୍ୟବର ଜିଲ୍ଲା ଜଜ୍, ଖୋର୍ଦ୍ଧା ମଧ ଏହି ମକଦ୍ଦମାକୁ ଉଭୟପକ୍ଷଙ୍କର ଉପସ୍ଥିତିରେ ଏବଂ ଭାଗନେବା ଦୃଷ୍ଟେ କରାଯାଇଥିବା ଦର୍ଶାଇଥିଲେ ଏବଂ ଡିସେମ୍ବର 20,2022 (ସଂଲଗ୍ନକ-4)ର ଆଦେଶ ମାଧ୍ୟମରେ ଆବେଦନକୁ ଖାରଜ କରିଦେଇଥିଲେ । ସଂଲଗ୍ନକ -2 ଓ 4 ଅନ୍ତର୍ଗତ ଉକ୍ତ ଆଦେଶକୁ ଗ୍ରହଣ କରି, ଏହି ସି.ଏମ୍.ପି. ଦାଖଲ କରାଯାଇଛି ।

4. ପ୍ରତିପକ୍ଷ-ଆବେଦନକାରୀ ଙ୍କ ପାଇଁ ବିଜ୍ଞ ଅଧିବକ୍ତା ଶ୍ରୀ ଭୂୟାଁ ଦୃଢତାର ସହ ଯୁକ୍ତି କରିଥିଲେ ଯେ, ସିପିସି ର ନିୟମ 3(b) ସହିତ ଆଦେଶ XVII ନିୟମ 2 ଅନୁଯାୟୀ ଏହି ମାମଲା ଟି ନିର୍ଦ୍ଧାରିତ ହୋଇଛି । ତେଣୁ, ମକଦ୍ଦମା ଯଦିଓ ଉଭୟପକ୍ଷଙ୍କର ଭାଗନେବା ଦୃଷ୍ଟେ ସମାଧାନ ହୋଇଛି ବୋଲି କୁହାଯାଇଛି, କିନ୍ତୁ ଆଇନ ଅନୁଯାୟୀ ଏହା ଏକ ଏକତରଫା ଆଦେଶ ।

4.1 ଏହା ତାଙ୍କର ନିବେଦନ ଯେ ଯେତେବେଳେ ପ୍ରତିବାଦୀ ମକଦ୍ଦମାରେ କୌଣସି ପ୍ରମାଣ ଉପସ୍ଥାପନ କରିନଥିଲେ ଏବଂ ମକଦ୍ଦମା ଶୁଣାଣି ପାଇଁ ନିର୍ଦ୍ଧାରିତ ହୋଇଥିବା ତାରିଖରେ ଶାରୀରିକ ଭାବରେ ଉପସ୍ଥିତ ନଥିଲେ, ଏହା କୁହାଯାଇପାରିବ ନାହିଁ ଯେ ମକଦ୍ଦମା ଉଭୟପକ୍ଷଙ୍କର ଉପସ୍ଥିତିରେ ଏବଂ ଭାଗନେବା ଦୃଷ୍ଟେ ଫଇସଲା କରାଯାଇଥିଲା । ନିଜ ସମର୍ଥନରେ ସେ ଏଆଇଆର୍ 1987 ଏସ୍.ସି. 42 ରେ ବର୍ଣ୍ଣିତ ହୋଇଥିବା, ***ପ୍ରକାଶ ଚନ୍ଦେର ମନଚନ୍ଦା ଏବଂ ଅନ୍ୟ ବନାମ ଶ୍ରୀମତୀ ଜାନକୀ ମନଚନ୍ଦା***, ରାୟରେ ନିର୍ଦ୍ଧାରିତ ଅନୁପାତ ଉପରେ ନିର୍ଭର କରିଥିଲେ, ଯେଉଁଥିରେ ମାନ୍ୟବର ସୁପ୍ରିମକୋର୍ଟ ଆଦେଶ XVII, ନିୟମ 2 ଏବଂ 3 ସିପିସିର ପରିସର ବିଷୟରେ ଆଲୋଚନା କରିଥିଲେ,ଯାହା ନିମ୍ନରେ ଦର୍ଶାଯାଇଅଛି : -

> *"6. ଏହା ସ୍ପଷ୍ଟ ଯେ ଯେଉଁ କ୍ଷେତ୍ରରେ କୌଣସି ପକ୍ଷ ଅନୁପସ୍ଥିତ ଅଛନ୍ତି, କେବଳ ସେହି କ୍ଷେତ୍ରରେ ଆଦେଶ 17 ନିୟମ 3 (ଖ) ଦ୍ୱାରା ନିର୍ଦ୍ଦେଶିତ ତଥା ନିୟମ 2 ରେ ବର୍ଣ୍ଣିତ ପନ୍ଥା ଅନୁଯାୟୀ ଅଗ୍ରସର ହେବା ପ୍ରୟୋଜନୀୟ । ତେଣୁ ପ୍ରତିବାଦୀଙ୍କ ଅନୁପସ୍ଥିତିରେ ଏହା ସ୍ପଷ୍ଟ ହୋଇଛି ଯେ, ନ୍ୟାୟାଳୟ ଙ୍କ ପାଖରେ ନିୟମ 2 ଅନୁଯାୟୀ ଆଗକୁ ବଢ଼ିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନଥିଲା, ସେହିଭଳି ନିୟମ 2 ର ଭାଷା ଯାହା ବର୍ତ୍ତମାନ ବିଦ୍ୟମାନ ତାହା ମଧ୍ୟ ସ୍ପଷ୍ଟ ଭାବରେ ଦର୍ଶାଏ ଯେ, ଯଦି କୌଣସି ଗୋଟିଏ ପକ୍ଷ ହାଜର ହେବାକୁ ବିଫଳ ହୁଅନ୍ତି, ଆଦେଶ 9 ଅନୁଯାୟୀ ନିର୍ଦ୍ଦେଶିତ ପନ୍ଥା ମାନଙ୍କ ମଧ୍ୟରୁ ଗୋଟିକ ମାଧ୍ୟମରେ ମକଦ୍ଦମାର ସମାଧାନ ପାଇଁ ନ୍ୟାୟାଳୟକୁ ଆଗକୁ ବଢିବାକୁ ପଡିବ । ନିୟମ 2 ର ବ୍ୟାଖ୍ୟା, ନ୍ୟାୟାଳୟକୁ ନିୟମ 3 ଅନୁଯାୟୀ ଆଗକୁ*

ବଢ଼ିବା ପାଇଁ ଏକ ସ୍ୱତନ୍ତ୍ରତା ପ୍ରଦାନ କରେ ଯଦିଓ କୌଣସି ପକ୍ଷ ଅନୁପସ୍ଥିତ ଅଛନ୍ତି,କିନ୍ତୁ ସେହି ସ୍ୱତନ୍ତ୍ରତା କେବଳ ସେହି ମାମଲାରେ ସୀମିତ ଥାଏ ଯେଉଁଠାରେ ଅନୁପସ୍ଥିତ ଥିବା କୌଣସି ପକ୍ଷ କିଛି ପ୍ରମାଣ ପ୍ରଦାନ କରିଛନ୍ତି କିମ୍ବା ସେମାନଙ୍କର ପ୍ରମାଣର ଅଧିକାଂଶ ଅଂଶ ଗ୍ରହଣ କରାଯାଇଛି । ତେଣୁ ଏହା ସ୍ପଷ୍ଟ ଯେ ଯଦି ଏକ ନିର୍ଦ୍ଧାରିତ ତାରିଖରେ କୌଣସି ପକ୍ଷ ଅନୁପସ୍ଥିତ ରୁହନ୍ତି ଏବଂ ସେହି ପକ୍ଷଙ୍କ ପାଇଁ ସେହି ତାରିଖ ପର୍ଯ୍ୟନ୍ତ କୌଣସି ପ୍ରମାଣ ଗ୍ରହଣ କରାଯାଇ ନାହିଁ, ତେବେ ନ୍ୟାୟାଳୟଙ୍କ ପାଖରେ ଆଦେଶ 17 ନିୟମ 2 ସୂଚିତ ଏବଂ ଦେୱାନୀ ପ୍ରକ୍ରିୟା ସଂହିତା ଆଦେଶ 9 ଅନୁଯାୟୀ ନିର୍ଦ୍ଧାରିତ କୌଣସି ଗୋଟିଏ ପଦ୍ଧତିରେ ମାମଲାର ସମାଧାନ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ । ତେଣୁ ଏହା ସ୍ପଷ୍ଟ ଯେ ସଂଶୋଧିତ ଦେୱାନୀ ପ୍ରକ୍ରିୟା ସଂହିତା ଆଦେଶ17 ନିୟମ 2 ଏବଂ 3 ରେ ଥିବା ବ୍ୟବସ୍ଥା କୌଣସି ସନ୍ଦେହ ସୃଷ୍ଟି କରେ ନାହିଁ ତେଣୁ କୌଣସି ବିତର୍କର ସୂତ୍ରପାତ ହେବାର ସମ୍ଭାବନା ନାହିଁ । ଅତଃ, ଏହା ସ୍ପଷ୍ଟ ଯେ ଯେତେବେଳେ ବିଚାରାଧିନ ମକଦ୍ଦମାଟି 30 ଅକ୍ଟୋବର 1985 ରେ ସାକ୍ଷ୍ୟଗ୍ରହଣ ପାଇଁ ଡକାଯାଇଥିଲା ସେତେବେଳେ ପ୍ରତିବାଦୀଙ୍କ ପକ୍ଷରୁ କେହି ଉପସ୍ଥିତ ନଥିଲେ । ଏହା ମଧ୍ୟ ସ୍ପଷ୍ଟ ଯେ ସେହି ତାରିଖ ପର୍ଯ୍ୟନ୍ତ ବାଦୀଙ୍କ ପ୍ରମାଣ ଅଭିଲିଖିତ କରାଯାଇଛି କିନ୍ତୁ ପ୍ରତିବାଦୀଙ୍କ ପାଇଁ କୌଣସି ପ୍ରମାଣ ଅଭିଲିଖିତ କରାଯାଇ ନାହିଁ । ଯେଉଁ ତାରିଖକୁ ମକଦ୍ଦମାଟିକୁ ମୁଲତବି ରଖା ଯାଇଥିଲା, ସେହିଦିନ ବା ତତ୍ ପରବର୍ତ୍ତୀ ତାରିଖରେ ପ୍ରତିବାଦୀଙ୍କର ସାକ୍ଷ୍ୟ ପ୍ରଦାନ ଓ ପ୍ରମାଣ ଉପସ୍ଥାପନ କରିବାର ଥିଲା । ତେଣୁ ଏହା ସ୍ପଷ୍ଟ ଯେ 30 ଅକ୍ଟୋବର, 1985 ତାରିଖ ପର୍ଯ୍ୟନ୍ତ, ଯେତେବେଳେ ବିଚାର କରୁଥିବା ନ୍ୟାୟାଳୟ ପ୍ରତିବାଦୀଙ୍କ ତରଫରୁ ପ୍ରମାଣ ପ୍ରଦାନ ପ୍ରକ୍ରିୟାର ସମାପ୍ତି ଘୋଷଣା କରିଥିଲେ, ପ୍ରତିବାଦୀଙ୍କ ତରଫରୁ କୌଣସି ପ୍ରମାଣ ଅଭିଲିଖିତ ନଥିଲା । ଏହି ପରିପ୍ରେକ୍ଷୀରେ, ଆଦେଶ 17 ର ନିୟମ 2 ର ବ୍ୟାଖ୍ୟା ଲାଗୁହେବାର ଅବକାଶ ନଥିଲା । ଏହା ଅନୁମେୟ ଯେ ଯେତେବେଳେ ମକଦ୍ଦମାରେ ପ୍ରତିବାଦୀ ଅନୁପସ୍ଥିତ ରହନ୍ତି, ଆଦେଶ 17 ନିୟମ 2 ଅନ୍ତର୍ଗତ ନିର୍ଦ୍ଦେଶନାମା ବିଚାର କରୁଥିବା ନ୍ୟାୟାଳୟଙ୍କୁ କେବଳ ଆଦେଶ 9 ଅନୁଯାୟୀ ବର୍ଣ୍ଣିତ ଯେକୌଣସି ଗୋଟିଏ ପନ୍ଥା ଜରିଆରେ ମାମଲାର ସମାଧାନ କରିବାକୁ ଅନୁମତି ଦିଏ ।

7 . ଏହା ମଧ୍ୟ ସ୍ପଷ୍ଟ ଯେ ଆଦେଶ 17 ନିୟମ 3 ଅନ୍ତର୍ଗତ ନିର୍ଦ୍ଦେଶନାମା ବର୍ଣ୍ଣିତ ମାମଲାର ତଥ୍ୟ ଦୃଷ୍ଟିରୁ ପ୍ରଯୁଜ୍ୟ ନଥିଲା କାରଣ ଏହା ଅନସ୍ୱୀକାର୍ଯ୍ୟ ଯେ ସେହି ତାରିଖରେ ଯେତେବେଳେ ପ୍ରତିବାଦୀଙ୍କ ତରଫରୁ ସାକ୍ଷ୍ୟ ଗ୍ରହଣ ପ୍ରକ୍ରିୟାର ସମାପ୍ତି ଘୋଷଣା କରାଯାଇଥିଲା, ସେତେବେଳେ କେହି ପ୍ରତିବାଦୀଙ୍କ ତରଫରୁ ହାଜର ହୋଇନଥିଲେ । ତେଣୁ ଏହା ନିର୍ଦ୍ଵନ୍ଦ୍ୱରେ କୁହାଯାଇପାରେ ଯେ ଯୋଗ୍ୟତା ଆଧାରରେ ମକଦ୍ଦମାର ସମାଧାନ ପାଇଁ ବିଚାରଳୟ ନେଇଥିବା ପଦକ୍ଷେପ ତ୍ରୁଟିପୂର୍ଣ୍ଣ ଅଟେ ......... "

ସେ ମଧ୍ୟ ***ମେସର୍ସ ରାଧିକା ଇଞ୍ଜିନିୟରିଂ ଇଣ୍ଡଷ୍ଟ୍ରିଜ୍ ବନାମ ମେସର୍ସ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍, କୋରାପୁଟ ପ୍ରଭାଗ*** ମାମଲାରେ ଏହି ନ୍ୟାୟାଳୟର ଏକ ନିର୍ଣ୍ଣୟ ଉପରେ ନିର୍ଭର କରିଥିଲେ, ଯାହା 1993 (II) ଓ.ଏଲ୍.ଆର୍.37 ରେ ପ୍ରକାଶିତ, ତାହା ନିମ୍ନରେ ବର୍ଣ୍ଣିତ : -

*"4. ଆଦେଶ 17ର ନିୟମ 2 ଏବଂ 3 ସ୍ୱତନ୍ତ୍ର ଏବଂ ଭିନ୍ନ ପରିସ୍ଥିତି ପାଇଁ ପ୍ରଯୁଜ୍ୟ | ଯେଉଁ କ୍ଷେତ୍ରରେ କୌଣସି ସ୍ୱତନ୍ତ୍ର ଉଦ୍ଦେଶ୍ୟ ରେ ନୁହେଁ, ବରଂ ସାଧାରଣ ଭାବରେ ମହଲତ ମଞ୍ଜୁର ହୋଇଛି, ସେହି କ୍ଷେତ୍ରରେ ନିୟମ 2 ରେ ଥିବା ନିର୍ଦ୍ଦେଶାବଳୀ ଲାଗୁ ହୋଇଥାଏ, ମାତ୍ର ଯେଉଁ କ୍ଷେତ୍ରରେ ନିୟମ 3 ରେ ଉଲ୍ଲିଖିତ ଉଦ୍ଦେଶ୍ୟ ମଧ୍ୟରୁ କୌଣସି ଗୋଟିଏ ଉଦ୍ଦେଶ୍ୟ ପାଇଁ ମହଲତ ଦିଆଯାଇଥାଏ, ସେହି କ୍ଷେତ୍ରରେ ନିୟମ 3 ଲାଗୁ ହୋଇଥାଏ । ନିୟମ 3 ନ୍ୟାୟାଳୟକୁ ତୁରନ୍ତ ମକଦ୍ଦମାରେ ନିଷ୍ପତ୍ତି ନେବାକୁ କ୍ଷମତା ପ୍ରଦାନ କରୁଥିବାବେଳେ ନିୟମ 2 ନିର୍ଦ୍ଦିଷ୍ଟ ଏକ ପଦ୍ଧତି ମଧ୍ୟରୁ ଯେକୌଣସି ଗୋଟିଏରେ ମକଦ୍ଦମାର ସମାଧାନ ବିଷୟରେ କହିଥାଏ । ନିୟମ 2 ସେ ପର୍ଯ୍ୟନ୍ତ ଲାଗୁହୁଏନାହିଁ, ଯେ ପର୍ଯ୍ୟନ୍ତ ପକ୍ଷ ଶୁଣାଣିରେ ହାଜର ହେବାରେ ବିଫଳ ହୋଇଛନ୍ତି, ଯେତେବେଳେ କି ନିୟମ 3 ସେହିଠାରେ ପ୍ରୟୋଗ ହୁଏ, ଯେଉଁଠାରେ ପକ୍ଷ ଉପସ୍ଥିତ ରହନ୍ତି କିନ୍ତୁ ନିୟମ 3 ରେ ସୂଚିତ ନିର୍ଦ୍ଦେଶନାମା ର ଖିଲାପ କରନ୍ତି । କିନ୍ତୁ ଅନେକ ମାମଲାରେ ଏହା କୁହାଯାଇଛି ଯେ ଯଦି କୌଣସି ପକ୍ଷ ଅଦାଲତରେ ଶାରୀରିକ ଭାବେ ଉପସ୍ଥିତ ଥାଆନ୍ତି, କିନ୍ତୁ ସ୍ଥଗିତାଦେଶ ପାଇଁ ତାଙ୍କ ଆବେଦନ ପ୍ରତ୍ୟାଖ୍ୟାନ ହେବା ପରେ କାର୍ଯ୍ୟାନୁଷ୍ଠାନରେ ଅଂଶଗ୍ରହଣ କରିବାକୁ ମନା କରନ୍ତି, ତେବେ ସେ ଶୁଣାଣିରେ ଉପସ୍ଥିତ ହୋଇଥିଲେ ବୋଲି କୁହାଯାଇପାରିବ ନାହିଁ, ଏବଂ ଏହି ମାମଲାକୁ ଆଦେଶ 17, ଦେୱାନୀ ପ୍ରକ୍ରିୟା ସଂହିତା ର ନିୟମ 3 ର ଅନ୍ତର୍ଭୁକ୍ତ କରାଯାଇପାରିବ ନାହିଁ । ଏପରିକି ଯେଉଁ ପକ୍ଷକୁ ତାହାଙ୍କ ହିତଦୃଷ୍ଟେ ଆଦେଶ 17ର ନିୟମ 3 ରେ ଉଲ୍ଲେଖ ଥିବା କାର୍ଯ୍ୟ ମଧ୍ୟରୁ ଗୋଟିଏ କରିବା ପାଇଁ ମହଲତ ଦିଆଯାଇଥାଏ, କିନ୍ତୁ ସେ ତାହା କରିବାରେ ବିଫଳ ହୁଅନ୍ତି, ଏବଂ ମକଦ୍ଦମାର ଶୁଣାଣିରେ ମଧ୍ୟ ଉପସ୍ଥିତ ହୁଅନ୍ତି ନାହିଁ, ତେବେ ନ୍ୟାୟାଳୟ କେବଳ ନିୟମ 2 ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ୍ | ଅନେକ ମାମଲାରେ ଏହି ନ୍ୟାୟାଳୟ ତଥା କେତେକ ଅନ୍ୟ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଏହି ମତ ବ୍ୟକ୍ତ କରାଯାଇଛି । (ଦେଖନ୍ତୁ ଏ.ଆଇ.ଆର. 1967 ଓଡ଼ିଶା,14 (ପରୀକ୍ଷିତ ସାଇ ଏବଂ ଅନ୍ୟ ବନାମ ଇନ୍ଦ୍ର ଭୋଇ ଏବଂ ଅନ୍ୟମାନେ): 41 (1975 ) ସି.ଏଲ୍.ଟି. 1117 (ଅଧିକାରୀ ଦେବନିଧି ଦାସ ବନାମ କୃପାନିଧି ନନ୍ଦା): 43 (1977 ) ସି.ଏଲ୍.ଟି. 63 (ଡ. ଲଖିରାମ ଗୁପ୍ତା ବନାମ ଏସ୍. ପାଇକ୍ରାଇ); ଏ.ଆଇ.ଆର୍. 1977 ମଧ୍ୟପ୍ରଦେଶ, 282 (ଏଫ୍. ବି.) (ରାମା ରାଓ ଏବଂ ଅନ୍ୟମାନେ ବନାମ ଶାନ୍ତିବାଇ ଏବଂ ଅନ୍ୟମାନେ) ଏ.ଆଇ.ଆର୍.1964 କେରଳ, 99 (ପି. ଗୋବିନ୍ଦ ମେନନ, ଲକ୍ଷ୍ମୀ ଆମ୍ମାଙ୍କ ପୁତ୍ର ଏବଂ ଅନ୍ୟ ବନାମ ବିଶାଲଲକ୍ଷ୍ମୀ ଆମ୍ମା ଏବଂ ଅନ୍ୟମାନେ): ଏ. ଆଇ. ଆର୍. 1961 ଆନ୍ଧ୍ର ପ୍ରଦେଶ, 201 (ଏଫ୍. ବି.) (ଡବ୍ଲ୍ୟୁ. ଆଗାଇଶ୍ ବନାମ ମହମ୍ମଦ ଅବଦୁଲ କୋରିମ୍) ଏବଂ ଏ.ଆଇ.ଆର୍. 1977 ମାଡ୍ରାସ, 108 (ଚିଦାମ୍ବରମ୍*

*ବନାମ କାଳିଦାସ ଏବଂ ଅନ୍ୟମାନେ) । ସ୍ୱୀକାରଯୋଗ୍ୟ ଯେ ଯେତେବେଳେ 10-10-1986ରେ ମକଦ୍ଦମାକୁ ମହଲତ ରଖାଯାଇଥିଲା, ଏହା ଏକ ସାଧାରଣ ମୁଲତବି ଥିଲା ଏବଂ ଏହା କୌଣସି ସ୍ୱତନ୍ତ୍ର ଉଦ୍ଦେଶ୍ୟ ପାଇଁ କିମ୍ବା ଆଦେଶ 17 ର ନିୟମ 3 ରେ ଉଲ୍ଲେଖିତ କୌଣସି ଉଦ୍ଦେଶ୍ୟ ପାଇଁ ନଥିଲା । 19-11-1986 ରେ, ଉଭୟପକ୍ଷ ତରଫରୁ କୌଣସି ସାକ୍ଷ୍ୟ ଏବଂ ପ୍ରମାଣ ଉପସ୍ଥାପନ କରାଯାଇନଥିଲା । ପ୍ରତିବାଦୀ କରିଥିବା ମୁଲତବି ଆବେଦନ ପ୍ରତ୍ୟାଖ୍ୟାନ ହେବାପରେ, ପ୍ରତିବାଦୀଙ୍କ ତରଫରୁ ହାଜର ହୋଇଥିବା ଅଧିବକ୍ତା ମଧ୍ୟ କାର୍ଯ୍ୟାନୁଷ୍ଠାନରେ ଅଂଶଗ୍ରହଣ କରିନଥିଲେ ତେଣୁ ଶେଷରେ ନ୍ୟାୟାଳୟ ବାଦୀଙ୍କ ପ୍ରମାଣ ଉପରେ ମାମଲା ସମାପ୍ତ କରିଥିଲେ । ଯଦିଓ ନ୍ୟାୟାଳୟ ଘଟଣାରେ ନିହିତ ଥିବା ସତ୍ୟାସତ୍ୟକୁ ଆଧାର କରି ଏହାର ପରିସମାପ୍ତି ଆଦେଶ 17 ନିୟମ 3 ବଳରେ କରିବା ମନେହୁଏ, କିନ୍ତୁ ଏହାକୁ ଆଦେଶ 17 ର ନିୟମ 2 ଅନୁଯାୟୀ କରାଯାଇଛି ବୋଲି ଧରାଯିବା ଆବଶ୍ୟକ, କାରଣ 19-11-1986 ରେ ଶୁଣାଣିରେ ପ୍ରତିବାଦୀ ହାଜର ହେବାକୁ ବିଫଳ ହୋଇଥିଲେ । ମୋର ଏହି ସିଦ୍ଧାନ୍ତ ଏ.ଆଇ.ଆର୍. 1976 ଆହ୍ଲାବାଦ, 290 (ଏଫ୍.ବି.) (ଏମ୍. ଏସ୍. ଖାଲସା ବନାମ ଚିରଞ୍ଜୀ ଲାଲ ଏବଂ ଅନ୍ୟମାନେ) ରେ ବିବୃତ ହୋଇଥିବା ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟର ପୂର୍ଣ୍ଣ ବିଚାରପୀଠ ନିଷ୍ପତ୍ତି ତଥା ଏହି ନ୍ୟାୟାଳୟ ର 1985 (I) ର ଓ.ଏଲ୍.ଆର୍. 81 (ଓଡ଼ିଶା ରାଜ୍ୟ ଆର୍ଥିକ ନିଗମ ବନାମ ଗୋପାଳ ଚନ୍ଦ୍ର ଘୋଷ) ରେ ବିବୃତ ହୋଇଥିବା ନିଷ୍ପତ୍ତି ଦ୍ୱାରା ସମର୍ଥିତ ହୋଇଛି । ଏ.ଆଇ.ଆର୍. 1975 ଆନ୍ଧ୍ର ପ୍ରଦେଶ, 90 (ତୁମ୍ମାଲା ସୂର୍ଯ୍ୟାମା ବନାମ ଆନ୍ଧ୍ର ପ୍ରଦେଶ ରାଜ୍ୟ ବିଦ୍ୟୁତ ବୋର୍ଡ଼ ଏବଂ ଅନ୍ୟମାନେ)ରେ ବିବୃତ କରାଯାଇଥିବା ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟର ନିର୍ଣ୍ଣୟ ମଧ୍ୟ ପୂର୍ବୋକ୍ତ ସିଦ୍ଧାନ୍ତକୁ ସମର୍ଥନ କରେ ଏବଂ ଏହି ନିର୍ଣ୍ଣୟ, ତେଣୁ, ଦେୱାନୀ ପ୍ରକ୍ରିୟା ସଂହିତା ର ଆଦେଶ 9, ଅନୁଯାୟୀ ରଦ୍ଦ କରାଯାଇପାରିବ । ତେଣୁ ମୋର ସୁଚିନ୍ତିତ ମତ ହେଉଛି ଯେ ଏହି ବିଷୟଟିରେ ଦେୱାନୀ ପ୍ରକ୍ରିୟା ସଂହିତା ର ଆଦେଶ 9 ରେ ଥିବା ବ୍ୟବସ୍ଥା ର କୌଣସି ପ୍ରୟୋଗ ନାହିଁ କହି ଅଧିନସ୍ଥ ବିଚାରପତି ଗୁରୁତର ନ୍ୟାୟିକ ତ୍ରୁଟି କରିଛନ୍ତି ।"*

ତେଣୁ ସେ କହିଥିଲେ ଯେ ପ୍ରତିବାଦୀ-ଆବେଦନକାରୀ ଙ୍କ ଉପସ୍ଥିତି ର ଅର୍ଥ ହେଉଛି ନ୍ୟାୟାଳୟରେ ତାଙ୍କର ଶାରୀରିକ ଉପସ୍ଥିତି, ତାଙ୍କ ବିଜ୍ଞ ଅଧିବକ୍ତାଙ୍କ ମାଧ୍ୟମରେ ନୁହେଁ । ଏହା ଅନସ୍ୱୀକାର୍ଯ୍ୟ ଯେ, ବିଚାରଧିନ ମାମଲାରେ, ତାଙ୍କ ତରଫରୁ ପ୍ରମାଣର ପରିସମାପ୍ତି ଘୋଷଣା ସମୟରେ ପ୍ରତିବାଦୀ ଶାରୀରିକ ଭାବରେ ଉପସ୍ଥିତ ନଥିଲେ ଏବଂ ସେ ପର୍ଯ୍ୟନ୍ତ ପ୍ରତିବାଦୀଙ୍କ ଦ୍ୱାରା କୌଣସି ପ୍ରମାଣ ଉପସ୍ଥାପିତ ହୋଇନଥିଲା । ଏହାପରେ ତର୍କ ପାଇଁ ମକଦ୍ଦମାଟିକୁ ମୁଲତବି ରଖାଯାଇଥିଲା । ତେଣୁ ମକଦ୍ଦମାଟି ସିପିସି ର ଆଦେଶ XVII ନିୟମ 2 ଏବଂ ନିୟମ 3 (b) ଅନୁଯାୟୀ ସମାଧାନ କରାଯିବା ଉଚିତ ଥିଲା ।

4.2 ତଦନୁସାରେ ସେ ଏହି ବିବାଦୀୟ  ଆଦେଶକୁ ଅଗ୍ରାହ୍ୟ  କରିବା ପାଇଁ ଏବଂ ଏହି ମାମଲାକୁ ଭୁବନେଶ୍ୱରର ମାନ୍ୟବର ପ୍ରଥମ ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତିଙ୍କ ନିକଟକୁ ପଠାଇବା ପାଇଁ ପ୍ରାର୍ଥନା କରିଛନ୍ତି, ଯାହାଙ୍କ ଦ୍ୱାରା ଯୋଗ୍ୟତା ଆଧାରରେ ସିପିସି ର ଆଦେଶ ୨ମ ନିୟମ 13  ଅନୁଯାୟୀ ଆବେଦନର ବିଚାର କରାଯିବ।

5. ଉପରୋକ୍ତ ଯୁକ୍ତିକୁ ସମର୍ଥନ କରୁଥିବା ପ୍ରତିପକ୍ଷଙ୍କର ବିଜ୍ଞ  ଅଧିବକ୍ତା, ଶ୍ରୀ ବାଗ, ଯୁକ୍ତି ଦର୍ଶାନ୍ତି ଯେ, ମକଦ୍ଦମାଟିକୁ ବିଚାର ତଥା ପୁନର୍ବିଚାର କରିଥିବା ବିଜ୍ଞ ବିଚାରପତି ଦ୍ୱୟ ଆଦେଶ IX ନିୟମ 13 ସିପିସି ଅନୁଯାୟୀ କରାଯାଇଥିବା ଆବେଦନକୁ ଗ୍ରହଣୀୟ ନୁହେଁ ବୋଲି ବିଚାର କରି କୌଣସି ତ୍ରୁଟି କରିନାହାଁନ୍ତି କାରଣ ଏହି ମାମଲା ପକ୍ଷମାନଙ୍କର ଭାଗନେବା ଦୃଷ୍ଟେ ନିର୍ଦ୍ଧାରିତ ହୋଇଥିଲା । ତାଙ୍କ ମତରେ ଉଭୟ ***ପ୍ରକାଶ ଚନ୍ଦେର ମନଚନ୍ଦା (ପୂର୍ବୋକ୍ତ) କିମ୍ବା ମେସର୍ସ ରାଧିକା ଇଞ୍ଜିନିୟରିଂ ଇଣ୍ଡଷ୍ଟ୍ରିଜ୍ (ପୂର୍ବୋକ୍ତ)ର*** ଅନୁପାତ ବର୍ତ୍ତମାନ ମାମଲା ପାଇଁ ପ୍ରଯୁଜ୍ୟ ନୁହେଁ । 4 ଅକ୍ଟୋବର,2021ରେ, ପ୍ରତିବାଦୀ ବ୍ୟକ୍ତିଗତ  ଭାବରେ ନ୍ୟାୟାଳୟରେ ଉପସ୍ଥିତ ଥିଲେ ଏବଂ ମୁଲତବି ପାଇଁ ଏକ ଆବେଦନ ଦାଖଲ କରିଥିଲେ, ଯାହା ପ୍ରତିବାଦୀଙ୍କ ତରଫରୁ ପ୍ରମାଣ ଦାଖଲ କରିବା ପାଇଁ ଶେଷ ସୁଯୋଗ ଭାବରେ ମକଦ୍ଦମାକୁ 5 ଅକ୍ଟୋବର,2021କୁ ନିର୍ଦ୍ଧାରିତ କରିବାକୁ ଅନୁମତି ଦିଆଯାଇଥିଲା । ଉକ୍ତ ତାରିଖରେ ମଧ୍ୟ, ପ୍ରତିବାଦୀ-ଆବେଦନକାରୀଙ୍କର ବିଦ୍ୱାନ ଅଧିବକ୍ତା  ଅସୁସ୍ଥତା ଆଧାରରେ ସମୟ ପାଇଁ ଏକ ଆବେଦନ ଦାଖଲ କରିଥିଲେ, ଯାହା ପ୍ରତ୍ୟାଖ୍ୟାନ କରାଯାଇଥିଲା ଏବଂ ପ୍ରତିବାଦୀଙ୍କ ପାର୍ଶ୍ୱରୁ ପ୍ରମାଣ ବନ୍ଦ କରାଯାଇଥିଲା । ଏହା ତାଙ୍କର ଉକ୍ତି ଯେ ପ୍ରତିବାଦୀ ମଧ୍ୟ 8 ଅକ୍ଟୋବର,2021 ରେ ଆଦେଶ VI ନିୟମ 17 ସିପିସି ଅନୁଯାୟୀ  ଆବେଦନ ଦାଖଲ କରି ମକଦ୍ଦମାରେ ଅଂଶଗ୍ରହଣ କରିଥିଲେ, ଯେଉଁ ତାରିଖ ପର୍ଯ୍ୟନ୍ତ ମକଦ୍ଦମା ପରବର୍ତ୍ତୀ ତର୍କ ପାଇଁ ନିର୍ଦ୍ଧାରିତ କରାଯାଇଥିଲା | ରାୟ ଏବଂ ଆଦେଶନାମାର ଆବୃତ୍ତିରୁ ଏହା ସ୍ପଷ୍ଟ ଯେ ପ୍ରତିବାଦୀଙ୍କ ବିଦ୍ୱାନ ଅଧିବକ୍ତା ଶୁଣାଣି ତଥା ତର୍କରେ ଅଂଶଗ୍ରହଣ କରିଥିଲେ, କିନ୍ତୁ ତାଙ୍କ ତରଫରୁ କୌଣସି ପ୍ରମାଣ ଉପସ୍ଥାପନ କରିନଥିଲେ । କେବଳ ଯେହେତୁ ପ୍ରତିବାଦୀ ତାଙ୍କ ତରଫରୁ କୌଣସି ପ୍ରମାଣ ଉପସ୍ଥାପନ କରିନଥିଲେ, ଏହା କୁହାଯାଇପାରିବ ନାହିଁ ଯେ ତାଙ୍କୁ ଏକତରଫା ଘୋଷଣା କରାଯାଇଥିଲା । ଏହା ଅନସ୍ୱୀକାର୍ଯ୍ୟ ଯେ, ପ୍ରତିବାଦୀ ପ୍ରଥମେ ମକଦ୍ଦମାରେ ଲିଖିତ ବିବୃତି(ଜବାବ) ଦାଖଲ କରିଥିଲେ, କିନ୍ତୁ ମକଦ୍ଦମାର ସମାଧାନ ପାଇଁ ସହଯୋଗ କରିନଥିଲେ ଯାହା ପାଇଁ ଏହି ନ୍ୟାୟାଳୟ ସି.ଏମ୍.ପି. ସଂଖ୍ୟା 112/2020 ରେ ମକଦ୍ଦମାର ଦୈନନ୍ଦିନ ଶୁଣାଣି ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ଏହା ପରେ, ନିଜେ ପ୍ରତିବାଦୀ କିମ୍ବା ନ୍ୟାୟାଳୟ ରେ ଉପସ୍ଥିତ ଥିବା ତାଙ୍କ ବିଦ୍ୱାନ ଅଧିବକ୍ତା ସ୍ଥଗିତାଦେଶ ପାଇଁ ପ୍ରାର୍ଥନା କରିଥିଲେ । ପ୍ରତିବାଦୀଙ୍କୁ ଏହି ମକଦ୍ଦମାରେ କେବେ ବି ଏକତରଫା ଘୋଷଣା କରାଯାଇନଥିଲା । ତେଣୁ, ବିଚାର ତଥା ପୁନର୍ବିଚାର କରିଥିବା ନ୍ୟାୟାଳୟ ଦ୍ୱୟଙ୍କର ନିଷ୍ପତ୍ତି ନିର୍ଭୁଲ ଅଟେ ଯେଉଁଥିରେ ସେମାନେ ଦର୍ଶାଇଛନ୍ତି ଯେ, ଆଦେଶ IX ନିୟମ 13 ସିପିସି ଅନୁଯାୟୀ ଏହି ଆବେଦନ ଗ୍ରହଣଯୋଗ୍ୟ ନୁହେଁ ।

5.1 ତାଙ୍କ ଉପସ୍ଥାପନାକୁ ସମର୍ଥନ କରି ପ୍ରତିପକ୍ଷର ବିଦ୍ୱାନ ଅଧିବକ୍ତା ଶ୍ରୀ ବାଗ, ***ହାରାମଣି ମହାପାତ୍ର ଏବଂ ଅନ୍ୟମାନେ ବନାମ ଶ୍ରୀମତୀ ଅନ୍ନପୂର୍ଣ୍ଣା ସାହୁ,*** ଙ୍କ ମାମଲା ଉପରେ ନିର୍ଭର କରିଥିଲେ, ଯାହା 1995(1) ଓଏଲ୍ଆର ୫୨ ରେ ବର୍ଣ୍ଣିତ, ସେଥିରେ ନ୍ୟାୟାଳୟ ନିମ୍ନମତେ ରାୟ ଦେଇଛନ୍ତି –

> *"5. ଆଦେଶ ୨ ର ବ୍ୟବସ୍ଥା ଗୁଡିକ ସେହି ମାମଲା ପାଇଁ ପ୍ରଯୁଜ୍ୟ ନୁହେଁ ଯେଉଁଥିରେ ବାଦୀ କିମ୍ବା ପ୍ରତିବାଦୀ ପୂର୍ବରୁ ହାଜର ହୋଇସାରିଛନ୍ତି, କିନ୍ତୁ ସ୍ଥଗିତ ଅବଧି ପରବର୍ତ୍ତୀ ସ୍ଥିରୀକୃତ ଶୁଣାଣି ତାରିଖରେ ହାଜର ହେବାରେ ବିଫଳ ହୋଇଛନ୍ତି । ଏପରି କ୍ଷେତ୍ରରେ ଆଦେଶ17 ରେ ନିର୍ଦ୍ଧାରିତ ବ୍ୟବସ୍ଥାଗୁଡିକ ଲାଗୁ ହୋଇଥାଏ, ଯାହା ମୁଲତବି ଆଦେଶ ସହ ଜଡ଼ିତ । ଯଦି ପ୍ରତିବାଦୀ ଏକ ପ୍ରଥମ ଶୁଣାଣିରେ ଉପସ୍ଥିତ ହେବାକୁ ବିଫଳ ହୁଅନ୍ତି ବରଂ ସ୍ଥଗିତ ଅବଧି ପରବର୍ତ୍ତୀ ଶୁଣାଣିରେ ନୁହେଁ, ଆଦେଶ 17 , କୋଡ୍ ନିୟମ 2 ଲାଗୁ ହୁଏ ନାହିଁ ଏବଂ ଆଦେଶ ୨ , କୋଡ୍ ନିୟମ 6 ଅନୁଯାୟୀ, ମମାଲଟିକୁ ଏକତରଫା ବିଚାର ପାଇଁ ଗ୍ରହଣ କରାଯାଏ । ଯଦି ପ୍ରତିବାଦୀ ଏକ ସ୍ଥଗିତ ଅବଧି ପରବର୍ତ୍ତୀ ଶୁଣାଣିରେ ହାଜର ନହୁଅନ୍ତି, ତେବେ ସେ ପ୍ରଥମ ଶୁଣାଣିରେ ଉପସ୍ଥିତ ଥାଆନ୍ତୁ କି ନାହିଁ, ନିର୍ବିଶେଷରେ, ଆଦେଶ 17 , ନିୟମ 2 ପ୍ରଯୁଜ୍ୟ ହୁଏ ଏବଂ ନ୍ୟାୟାଳୟଙ୍କୁ ଆଦେଶ ୨ ଦ୍ୱାରା ନିର୍ଦ୍ଦେଶିତ ରାସ୍ତା ମଧ୍ୟରୁ ଗୋଟିଏରେ ମକଦ୍ଦମାର ଏକତରଫା ସମାଧାନ କରିବାକୁ କିମ୍ବା ଅନ୍ୟ ଆଦେଶ କରିବାକୁ ଯଥାସମ୍ଭବ ବ୍ୟାପକ ସ୍ୱାଧୀନତା ଦିଆଯାଏ (ଦେଖନ୍ତୁ: ସଂଗ୍ରାମ ସିଂ ବନାମ ନିର୍ବାଚନ ନ୍ୟାୟାଧିକରଣ) । ଆଦେଶ 17 ର ନିୟମ 2 ର ପ୍ରଭାବ ହେଉଛି ସ୍ଥଗିତ ଅବଧି ପରବର୍ତ୍ତୀ ଶୁଣାଣି ରେ ହାଜର ହେବାର ଖିଲାଫ କରିଥିବା ମାମଲାରେ ପ୍ରକ୍ରିୟା ଗୁଡ଼ିକୁ ସମାହିତ କରିବା । ଫଳତଃ, ଯଦିଓ କୌଣସି ପକ୍ଷ ପ୍ରଥମ ଶୁଣାଣିରେ ହାଜର ହୋଇଥିବେ, କିନ୍ତୁ ସ୍ଥଗିତ ଅବଧି ପରବର୍ତ୍ତୀ ଶୁଣାଣିରେ ଉପସ୍ଥିତ ହେବାରେ ବିଫଳ ହେବେ, ତେବେ ଆଦେଶ ୨ରେ ଧାର୍ଯ୍ୟ ପ୍ରକ୍ରିୟା ଲାଗୁ ହେବ । ଯଦି ବାଦୀ ଏକ ସ୍ଥଗିତ ଅବଧି ପରବର୍ତ୍ତୀ ଶୁଣାଣିରେ ହାଜର ହେବାରେ ବିଫଳ ହୁଅନ୍ତି, ତେବେ ନ୍ୟାୟାଳୟ ଆଦେଶ-୨ ଏବଂ ନିୟମ-୫ ଅନୁଯାୟୀ ମକଦ୍ଦମାକୁ ଖାରଜ କରିପାରିବେ ଏବଂ ଏହି ଆଦେଶ ବିରୁଦ୍ଧରେ ପରାମର୍ଶବଶତଃ ଆଦେଶ-୨, ନିୟମ-୫ ଏବଂ ୨ ଅନୁଯାୟୀ ଏକତରଫା ଭାବେ ବିଚାର କରିବାର ନିଷ୍ପତ୍ତିକୁ ଅଗ୍ରାହ୍ୟ କରିବାକୁ ଆବେଦନ କରିପାରିବେ ଏବଂ ଏଥିପାଇଁ ଆପତ୍ତି ବା ଅପିଲ କରାଯାଇପାରିବ ନାହିଁ । ଯଦି ପ୍ରତିବାଦୀ ଏକ ସ୍ଥଗିତ ଅବଧି ପରବର୍ତ୍ତୀ ଶୁଣାଣିରେ ହାଜର ହେବାକୁ ବିଫଳ ହୁଅନ୍ତି,*

ତେବେ ନ୍ୟାୟାଳୟ ଏହି ନିୟମ ଏବଂ ଆଦେଶ 9, ନିୟମ 8 ଅନୁଯାୟୀ ଏକ ଏକତରଫା ଡିକ୍ରି ଜାରି କରିପାରନ୍ତି ଏବଂ ଏପରିକ୍ଷେତ୍ରରେ ପ୍ରତିବାଦୀ ନିୟମ 9 ଏବଂ ଆଦେଶ 13 ଅନୁଯାୟୀ ଏପରି ନିଷ୍ପତ୍ତିକୁ ରଦ୍ଦ କରିବା ପାଇଁ ଆବେଦନ କରିପାରିବେ । ଏହାର କାରଣ ହେଉଛି ଆଦେଶ 17 ର ନିୟମ 2 ରେ ଥିବା ବ୍ୟବସ୍ଥା ଆଦେଶ 9 ରେ ଥିବା ବ୍ୟବସ୍ଥାକୁ ସଂଚାଳିତ କରେ ଏବଂ ନ୍ୟାୟାଳୟ ସେହି ଆଦେଶର ବ୍ୟବସ୍ଥା ଅନୁଯାୟୀ ମକଦ୍ଦମାର ସମାଧାନ କରନ୍ତି | ଏଥିରୁ ଜଣାଯାଏ ଯେ ଯେଉଁ ପକ୍ଷଙ୍କ ବିରୁଦ୍ଧରେ ଏପରି ଆଦେଶ ଦିଆଯାଇଛି, ତାଙ୍କ ପାଖରେ ଆଦେଶ 9 ଅନୁଯାୟୀ ପ୍ରତିକାର ଉପଲବ୍ଧ ଅଛି. ଯଦି ଉଭୟ ପକ୍ଷ ଏକ ସ୍ଥଗିତ ଅବଧି ପରବର୍ତ୍ତୀ ଶୁଣାଣିରେ ଉପସ୍ଥିତ ହେବାକୁ ବିଫଳ ହୁଅନ୍ତି, ନ୍ୟାୟାଳୟ ଆଦେଶ 17ର ନିୟମ 2 ଏବଂ ଆଦେଶ 9, ନିୟମ 3 ଅନୁଯାୟୀ ମକଦ୍ଦମା ଖାରଜ କରିବାକୁ ଆଦେଶ ଦେଇପାରନ୍ତି । ଏପରି ମକଦ୍ଦମାରେ, ବାଦୀଙ୍କୁ, ଯଦି ପରାମର୍ଶ ପୂର୍ବକ, ଏକ ନୂତନ ମକଦ୍ଦମା ଆଣିପାରିବେ କିମ୍ବା ଆଦେଶ 9, ନିୟମ 4 ଅନୁଯାୟୀ ବରଖାସ୍ତ ଆଦେଶକୁ ରଦ୍ଦ କରିବା ପାଇଁ ଏକ ଆଦେଶ ପାଇଁ ଆବେଦନ କରିପାରିବେ । ମକଦ୍ଦମା ର ଶୁଣାଣି ସ୍ଥଗିତ ଅବଧି ପରବର୍ତ୍ତୀ ଦିନରେ, ପକ୍ଷମାନେ କିମ୍ବା ସେମାନଙ୍କ ମଧ୍ୟରୁ କେହିଜଣେ ହାଜର ହେବାରେ ବିଫଳ ହେଲେ, ଆଦେଶ 17 ଅନ୍ତର୍ଭୁକ୍ତ ନିୟମ 2ରେ ଥିବା ବ୍ୟବସ୍ଥା ଲାଗୁହୁଏ । ଏପରି ପରିସ୍ଥିତିରେ, ନ୍ୟାୟାଳୟ କୁ ଦୁଇଟି ବିକଳ୍ପ ଦିଆଯାଇଛି, ଯଥା (i) ଆଦେଶ 9 ଦ୍ୱାରା ନିର୍ଦ୍ଧାରିତ ପଦ୍ଧତି ମଧ୍ୟରୁ ଗୋଟିଏରେ ମକଦ୍ଦମାର ସମାଧାନ କରିବା, କିମ୍ବା (ii) ପ୍ରସଙ୍ଗରେ ଉପଯୁକ୍ତ ବୋଲି ବିବେଚିତ ହେଉଥିବା ଅନ୍ୟ କୌଣସି ଆଦେଶ ଦେବା । ବିଚାରାଧିନ ମାମଲାରେ, ବାଦୀ-ଅପରପକ୍ଷ ତାଙ୍କର ସାକ୍ଷୀମାନଙ୍କ ସହିତ ଉପସ୍ଥିତ ଥିଲେ, ତେଣୁ ତାଙ୍କ ତରଫରୁ କୌଣସି ଖିଲାପ ହୋଇ ନଥିଲା । ସେଥିପାଇଁ, ଆଦେଶ 17 ର ନିୟମ 2 ର ବ୍ୟାଖ୍ୟା ବାଦୀଙ୍କ ମାମଲାରେ ତଥା ମାମଲାର ତଥ୍ୟଗୁଡିକ ଉପରେ ଲାଗୁ ହେବନାହିଁ । ସ୍ପଷ୍ଟୀକରଣ କେବଳ ସେତେବେଳେ ଲାଗୁହୁଏ ଯେତେବେଳେ କୌଣସି ପକ୍ଷର ପ୍ରମାଣ କିମ୍ବା ପ୍ରମାଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅଭିଲିଖିତ ହୋଇସାରିଛି ଏବଂ ଏହିପରି କୌଣସି ଦିନ, ଯେଉଁ ଦିନ ମକଦ୍ଦମାର ଶୁଣାଣି ସ୍ଥଗିତ କରାଯାଇଛି, ସେହିଦିନ ପକ୍ଷ ହାଜର ହେବାରେ ବିଫଳ ହୋଇଛନ୍ତି |

6. ଆଦେଶ 7 ର ନିୟମ 3 ସେତେବେଳେ ପ୍ରୟୋଗ ହୋଇଥାଏ ଯେତେବେଳେ ପକ୍ଷ ଯାହାକୁ ସମୟ ଦିଆଯାଇଥାଏ ନିଜର ସାକ୍ଷୀ ଉପସ୍ଥାପିତ କରିବା ପାଇଁ କିମ୍ବା ତା'ର ସାକ୍ଷୀମାନଙ୍କୁ ଉପସ୍ଥିତ କରାଇବା ପାଇଁ , କିମ୍ବା ମକଦ୍ଦମାର ଅଧିକ ଅଗ୍ରଗତି ପାଇଁ ଆବଶ୍ୟକ ଅନ୍ୟ କୌଣସି କାର୍ଯ୍ୟ କରିବାକୁ, ତାହା କରିବାରେ ବିଫଳ ହୁଏ । ବିଚାରାଧିନ ମାମଲାରେ ବାଦୀ ଏହିସବୁ ପରିସ୍ଥିତିର ଅନ୍ତର୍ଭୁକ୍ତ ନୁହଁନ୍ତି । ଆହୁରିମଧ୍ୟ, ପ୍ରତିବାଦୀ-ଆବେଦନକାରୀମାନଙ୍କୁ ପ୍ରମାଣ ଉପସ୍ଥାପନ କରିବାକୁ କିମ୍ବା ସେମାନଙ୍କ ସାକ୍ଷୀମାନଙ୍କୁ ଉପସ୍ଥିତ କରିବାକୁ କିମ୍ବା ମକଦ୍ଦମାର ପରବର୍ତ୍ତୀ ଅଗ୍ରଗତି ପାଇଁ ଆବଶ୍ୟକ ଅନ୍ୟ କୌଣସି କାର୍ଯ୍ୟ କରିବାକୁ ସମୟ ଦିଆଯାଇ ନଥିଲା । ତେଣୁ, ନିୟମ 3 ରେ ଥିବା ବ୍ୟବସ୍ଥା ପ୍ରୟୋଗର କୌଣସି କାରଣ ନଥିଲା । ନିୟମ 3 ରେ ଥିବା ବ୍ୟବସ୍ଥା ଲାଗୁ ପାଇଁ,

*ନିର୍ଦ୍ଦିଷ୍ଟ ପକ୍ଷ ନିଶ୍ଚିତ ଭାବରେ ନିୟମରେ ଥିବା ପଦ୍ଧତି  ମଧ୍ୟରୁ ଗୋଟିଏ ନିର୍ଦ୍ଦିଷ୍ଟ ପଦ୍ଧତିର ଖିଲାପ କରିଥିବା ଆବଶ୍ୟକ ।  ଯେତେବେଳେ ପକ୍ଷ ଦ୍ୱାରା ଉପସ୍ଥିତିରେ ଖିଲାପ କରାଯାଏ ସେତେବେଳେ ନିୟମ 2 ର ବ୍ୟବସ୍ଥା ଲାଗୁ ହୁଏ ।  ନିୟମ 3 ର ବ୍ୟବସ୍ଥା ଲାଗୁହେବା ପାଇଁ, ଦୁଇଟି ସର୍ତ୍ତ ସନ୍ତୁଷ୍ଟ ହେବା ଆବଶ୍ୟକ, ଅର୍ଥାତ୍ (i) ପକ୍ଷର ଅନୁରୋଧକ୍ରମେ, ନିୟମ 3 ରେ ଥିବା ବ୍ୟବସ୍ଥା ଅନ୍ତର୍ଭୁକ୍ତ କୌଣସି କାର୍ଯ୍ୟର ରୂପାୟନ ପାଇଁ ମକଦ୍ଦମାରେ ସ୍ଥଗିତାଦେଶ ହେବା ଆବଶ୍ୟକ, ଏବଂ (ii) ଏହାକୁ କାର୍ଯ୍ୟକାରୀ କରିବାରେ ସେହି ପକ୍ଷ ଦ୍ୱାରା ଖିଲାପ ହେବା ।  ଯେଉଁ କ୍ଷେତ୍ରରେ କୌଣସି ପକ୍ଷ କିମ୍ବା ତାଙ୍କ ଅଧିବକ୍ତା  ଅଦାଲତରେ ଉପସ୍ଥିତ ନଥାନ୍ତି, ସେହି କ୍ଷେତ୍ରରେ ନିୟମ 2ରେ ଥିବା ବ୍ୟବସ୍ଥା ଲାଗୁ ହୋଇଥାଏ, ମାତ୍ର ଯଦି ପକ୍ଷ କିମ୍ବା ତାଙ୍କ ଅଧିବକ୍ତା ନ୍ୟାୟାଳୟରେ ଉପସ୍ଥିତ ଥାଇ ମଧ୍ୟ ନିୟମରେ ଉଲ୍ଲେଖ କରାଯାଇଥିବା ତିନୋଟି କାର୍ଯ୍ୟ ମଧ୍ୟରୁ କୌଣସିଟି କରିବାରେ ବିଫଳ ହୁଅନ୍ତି, ସେତେବେଳେ ନିୟମ 3 ରେ ଥିବା ବ୍ୟବସ୍ଥା ଲାଗୁ ହୋଇଥାଏ ।*

5.2 ସେ ମଧ୍ୟ, ***ଶକୁନ୍ତଳା ସୁବୁଦ୍ଧି ଓ ଅନ୍ୟ ଜଣେ ବନାମ ସୁଭାଷ ଚନ୍ଦ୍ର ପଣ୍ଡା ଓ ଅନ୍ୟମାନେ*** ମାମଲାରେ ନିର୍ଣ୍ଣୟ ହୋଇଥିବା ଆଇନ ଉପରେ ମଧ୍ୟ  ନିର୍ଭର କରିଥିଲେ, ଯାହା 115(2013) ସି.ଏଲ୍.ଟି. 864ରେ ବର୍ଣ୍ଣିତ । ଏଥିରେ ଆବେଦନକାରୀଙ୍କ ଦ୍ୱାରା ନିର୍ଭର କରାଯାଇଥିବା ମାମଲା ସମେତ ଅନେକ ନିର୍ଣ୍ଣୟ ଆଇନ ଉପରେ ଆଲୋଚନା କରାଯାଇଥିଲା, ଯାହା ନିମ୍ନରେ ଦର୍ଶାଯାଇଛି -

*"19 ...... ସ୍ଥଗିତ ତାରିଖରେ,ଡି.ଡବ୍ଲ୍ୟୁ.-1 ପରବର୍ତ୍ତୀ ଜେରା ପାଇଁ ହାଜର ହୋଇନଥିଲେ ଏବଂ ସ୍ଥଗିତାଦେଶ ନେଇଥିଲେ । ଶେଷରେ, ଏପରି ସମୟରେ ଆବେଦନକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା ଏବଂ ପ୍ରତିବାଦୀ 1 ଏବଂ 2 ଙ୍କ ପାର୍ଶ୍ୱରୁ ପ୍ରମାଣ ବନ୍ଦ କରାଯାଇଥିଲା ଏବଂ ମକଦ୍ଦମା ତର୍କ ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା । ପ୍ରତିବାଦୀମାନେ ଅନୁପସ୍ଥିତ ରହିଥିଲେ । ତେଣୁ ବର୍ତ୍ତମାନର ମାମଲାର ତଥ୍ୟରେ ଏହା ଦେଖିବାକୁ ମିଳିଛି ଯେ ଅଭିଯୁକ୍ତ 1 ଏବଂ 2, ଯେଉଁମାନଙ୍କୁ ସମୟ ଦିଆଯାଇଥିଲା, ସେମାନେ ଅଧିକ ଜେରା ପାଇଁ ଡି.ଡବ୍ଲ୍ୟୁ.-1ଙ୍କୁ ହାଜର କରିବାରେ ବିଫଳ ହୋଇଥିଲେ । ତେଣୁ, ଏହା କୁହାଯାଇପାରେ ଯେ ସେମାନଙ୍କୁ ମକଦ୍ଦମାର ପରବର୍ତ୍ତୀ ଅଗ୍ରଗତି ପାଇଁ ଯେଉଁ ସମୟ  ମଞ୍ଜୁର କରାଯାଇଥିଲା,ସେଥିରେ ସେମାନେ ଆବଶ୍ୟକ କାର୍ଯ୍ୟ ସମ୍ପାଦନ କରିବାରେ ବିଫଳ ହୋଇଥିଲେ । ଏପରି ସ୍ଥିତିରେ, ନିୟମ 3(b)ର ବ୍ୟବସ୍ଥା ଦୃଷ୍ଟେ, ଯେହେତୁ ପ୍ରତିବାଦୀମାନେ ଅନୁପସ୍ଥିତ ଥିଲେ, ନ୍ୟାୟାଳୟ ନିୟମ-2 ର ବ୍ୟବସ୍ଥା ଅନୁଯାୟୀ ଆଗକୁ ବଢ଼ିବାର ଥିଲା  ..........."*

ତାଙ୍କର ନିବେଦନ ହେଉଛି ଯେ, ***ଶକୁନ୍ତଳା ସୁବୁଦ୍ଧି* (ପୂର୍ବୋକ୍ତ)** ବର୍ଣ୍ଣିତ ନିୟମ-2 ର ଅନୁପାତକୁ ସେତେବେଳେ ଲାଗୁ କରାଯିବ ଯେତେବେଳେ ଶୁଣାଣି ତାରିଖରେ ପ୍ରତିବାଦୀ ଅନୁପସ୍ଥିତ ରହିବେ, ***ପ୍ରକାଶ ଚନ୍ଦେର ମନଚନ୍ଦା (ପୂର୍ବୋକ୍ତ)***

***ଏବଂ ମେସର୍ସ ରାଧିକା ଇଞ୍ଜିନିୟରିଂ ଇଣ୍ଡଷ୍ଟ୍ରିଜ୍ (ପୂର୍ବୋକ୍ତ)*** ରେ ମଧ୍ୟ ଏହି ଅନୁପାତ ରହିଛି । ବିଚାରାଧୀନ ମାମଲାରେ, ପ୍ରତିବାଦୀ ଶାରୀରିକ ଭାବରେ କିମ୍ବା ତାଙ୍କ ବିଦ୍ୱାନ ଅଧିବକ୍ତା ଙ୍କ ମାଧ୍ୟମରେ ମକଦ୍ଦମାର ଶୁଣାଣିର ବିଭିନ୍ନ ମୁଲତବି ପରବର୍ତ୍ତୀ ତାରିଖରେ ନ୍ୟାୟାଳୟରେ ଉପସ୍ଥିତ ରହି ମଧ୍ୟ ପ୍ରମାଣ ଉପସ୍ଥାପନ କରିନଥିଲେ ଏବଂ ମୁଲତବି ରଖିବାକୁ ଅନୁରୋଧ କରିଥିଲେ । କେବଳ ଯେହେତୁ ସେ କୌଣସି ପ୍ରମାଣ ଉପସ୍ଥାପନ କରିନାହାଁନ୍ତି, ତେଣୁ ଏହା କୁହାଯାଇପାରିବ ନାହିଁ ଯେ ମକଦ୍ଦମାର ଶୁଣାଣି ତାରିଖରେ ସେ ଅନୁପସ୍ଥିତ ଥିଲେ । ତେଣୁ, ଆଦେଶ XVII ନିୟମ 3(a) ସିପିସି ଅନ୍ତର୍ଗତ ବ୍ୟବସ୍ଥା ବର୍ତ୍ତମାନର ମାମଲା କ୍ଷେତ୍ରରେ ସମ୍ପୂର୍ଣ୍ଣ ଭାବରେ ପ୍ରଯୁଜ୍ୟ । ଯେତେବେଳେ ପ୍ରତିବାଦୀ ବ୍ୟକ୍ତିଗତ ଭାବରେ କିମ୍ବା ଅଧିବକ୍ତା ଙ୍କ ମାଧ୍ୟମ ରେ ନ୍ୟାୟାଳୟରେ ଉପସ୍ଥିତ ରହିମଧ୍ୟ ପ୍ରମାଣ ପ୍ରଦାନ କରନ୍ତି ନାହିଁ କିମ୍ବା ମକଦ୍ଦମାର ଅଗ୍ରଗତି ପାଇଁ ଆବଶ୍ୟକ ଅନ୍ୟ କୌଣସି କାର୍ଯ୍ୟ କରିନାହାନ୍ତି, ସେହିପରି ପରିସ୍ଥିତିରେ ମୁକାବିଲା ଲାଗି ଆଦେଶ XVII, ନିୟମ 3(a) ର ସଂଶୋଧନ ପ୍ରସ୍ତୁତ କରାଯାଇଥିଲା । ଅଧୁନା ମାମଲାରେ, ପ୍ରତିବାଦୀ ତରଫରୁ ପ୍ରମାଣ ଉପସ୍ଥାପନ କରିବା ପାଇଁ ମକଦ୍ଦମା ଦିନ ଧାର୍ଯ୍ୟ କରାଯାଇଥିଲା । ସେ ଉପସ୍ଥିତ ରହି ମଧ୍ୟ ମକଦ୍ଦମାରେ ନିଜର ସାକ୍ଷୀ ଉପସ୍ଥାପନ କରିବାରେ ବିଫଳ ହୋଇଥିଲେ।ତେଣୁ ଆବେଦନକାରୀ ଆଦେଶ XVII ନିୟମ 2 କିମ୍ବା 3 (b) ରେ ଥିବା ବ୍ୟବସ୍ଥା ଅନୁଯାୟୀ ଆଶ୍ରୟ ନେଇପାରିବେ ନାହିଁ । ତେଣୁ, ସେ ସି.ଏମ୍.ପି. ଟି ବିଚାର ଯୋଗ୍ୟ ନୁହେଁ ଏବଂ ବରଖାସ୍ତ ହେବା ଯୋଗ୍ୟ ବୋଲି ସେ ଦର୍ଶାନ୍ତି ।

6. ପକ୍ଷମାନଙ୍କ ତରଫରୁ ବିଜ୍ଞ ଅଧିବକ୍ତା ଦ୍ୱୟଙ୍କ ଦ୍ୱାରା ଉପସ୍ଥାପିତ ତର୍କକୁ ଦୃଷ୍ଟିରେ ରଖି ଯେଉଁ ବିବାଦଟି ବିଚାର୍ଯ୍ୟ, ତାହାହେଉଛି ନ୍ୟାୟାଳୟ ଯଦିଓ ଘଟଣାର ତଥ୍ୟ ଓ ପରିସ୍ଥିତି ଆଧାରରେ ମକଦ୍ଦମାଟିକୁ ଉଭୟପକ୍ଷଙ୍କ ଉପସ୍ଥିତିରେ ନୁହେଁ, ବରଂ ଏକତରଫା ଭାବରେ ସମାଧାନ କରିବାର ଥିଲା ।

7 . ମକଦ୍ଦମାର ମୁଲତବି ପ୍ରସଙ୍ଗ ସିପିସିର ଆଦେଶ XVII ର ଅନ୍ତର୍ଭୁକ୍ତ । ଉକ୍ତ ଆଦେଶରେ ଅନ୍ତର୍ନିହିତ ନିୟମ 2 ଏବଂ 3 ବ୍ୟାଖ୍ୟା ସାପେକ୍ଷ । ଆଦେଶ XVII ଅନ୍ତର୍ଭୁକ୍ତ ନିୟମ 2 ରେ କୁହାଯାଇଛି ଯେ, ଯଦି ମୁଲତବି ଅବଧି ପରେ ଧାର୍ଯ୍ୟ ଶୁଣାଣି ତାରିଖରେ ପକ୍ଷ କିମ୍ବା ସେମାନଙ୍କ ମଧ୍ୟରୁ କେହି ହାଜର ହେବାକୁ ବିଫଳ ହୁଅନ୍ତି, ତେବେ ନ୍ୟାୟାଳୟ ଆଦେଶ IX ଅନୁଯାୟୀ ଉପଲବ୍ଧ ପଦ୍ଧତି ମଧ୍ୟରୁ ଗୋଟିଏରେ ମକଦ୍ଦମାର ସମାଧାନ କରିବାକୁ ଅଗ୍ରସର ହୋଇପାରନ୍ତି କିମ୍ବା ଏପରି ଆଦେଶ/ ଅନ୍ୟ କୌଣସି ଆଦେଶ କରିପାରିବେ, ଯାହା ସେ ଉପଯୁକ୍ତ ବୋଲି ଭାବନ୍ତି ।

ଯାହାହେଉ, ନିୟମ 2 ର ବ୍ୟାଖ୍ୟା ରେ କୁହାଯାଇଛି ଯେ ଯଦି କୌଣସି ପକ୍ଷର ପ୍ରମାଣ କିମ୍ବା ପ୍ରମାଣର ଏକ ପର୍ଯ୍ୟାପ୍ତ ଅଂଶ ପୂର୍ବରୁ ଅଭିଲିଖିତ ହୋଇସାରିଛି ଏବଂ ସେହି ପକ୍ଷ ମୁଲତବି ଅବଧି ପରେ ଧାର୍ଯ୍ୟ ଶୁଣାଣି ତାରିଖରେ ହାଜର ହେବାରେ ବିଫଳ ହୁଅନ୍ତି, ତେବେ ନ୍ୟାୟାଳୟ ନିଜ ଇଚ୍ଛାନୁସାରେ, ସେହି ପକ୍ଷଙ୍କର ଉପସ୍ଥିତି ଦର୍ଶାଇ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରିପାରିବେ । ଏହିପରି ଭାବରେ, ମୁଲତବି ଅବଧି ପରେ ଧାର୍ଯ୍ୟ ଶୁଣାଣି ତାରିଖରେ କୌଣସି ପକ୍ଷର ଅନୁପସ୍ଥିତି ଜନିତ ପରିଣାମ ନିୟମ 2 ଅନ୍ତର୍ଗତ ବ୍ୟବସ୍ଥାର ପରିସରଭୁକ୍ତ ଯାହା ମକଦ୍ଦମାରେ ସାଧାରଣ ମୁଲତବି ବିଷୟରେ ବୟାନ କରେ ।

୮. କିନ୍ତୁ ଆଦେଶ XVII ର ନିୟମ 3 ଅନ୍ତର୍ଗତ ବ୍ୟବସ୍ଥା ନିର୍ଦ୍ଦିଷ୍ଟ ମୁଲତବି ବିଷୟ ସହିତ ଜଡ଼ିତ ।  ଏଥିରେ ଥିବା ବ୍ୟବସ୍ଥା ଅନୁଯାୟୀ, ମକଦ୍ଦମା ରେ ଯେଉଁ ପକ୍ଷଙ୍କୁ ସମୟ ମଞ୍ଜୁର କରାଯାଇଛି, ଯଦି ସେ ପକ୍ଷ ତାଙ୍କ ସାକ୍ଷ୍ୟ ଉପସ୍ଥାପନରେ କିମ୍ବା ତାଙ୍କ ସାକ୍ଷୀଙ୍କୁ ଉପସ୍ଥିତ କରାଇବାରେ କିମ୍ବା ମୋକଦ୍ଦମାର ପରବର୍ତ୍ତୀ ଅଗ୍ରଗତି ପାଇଁ ଆବଶ୍ୟକ ଅନ୍ୟ କୌଣସି କାର୍ଯ୍ୟ,ଯେଉଁ ନିମନ୍ତେ ସମୟ ଦିଆଯାଇଥିଲା, ସମ୍ପାଦନ କରିବାରେ ବିଫଳ ହୁଅନ୍ତି, ସେପରିସ୍ଥଳେ ନ୍ୟାୟାଳୟ ଏପରି ଖିଲାପ ସତ୍ତ୍ୱେ, -

*(କ) ଯଦି ପକ୍ଷମାନେ ଉପସ୍ଥିତ ଅଛନ୍ତି, ମକଦ୍ଦମାରେ ତ୍ୱରିତ ନିଷ୍ପତ୍ତି ନେବା ପାଇଁ ପଦକ୍ଷେପ ନିଅନ୍ତି; କିମ୍ବା*

*(ଖ) ଯଦି ପକ୍ଷମାନେ କିମ୍ବା ସେମାନଙ୍କ ମଧ୍ୟରୁ କେହି ଅନୁପସ୍ଥିତ ଥାଆନ୍ତି, ନିୟମ 2 ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତି;*

୨ . ତେଣୁ, ଉଭୟ ନିୟମକୁ ଆଧାରରେ, ଏହା ସ୍ପଷ୍ଟ କରାଯାଇଛି ଯେ ଯେତେବେଳେ କୌଣସି ପକ୍ଷ ଶୁଣାଣି ପାଇଁ ମକଦ୍ଦମା ଧାର୍ଯ୍ୟ ହୋଇଥିବା ତାରିଖରେ ଅନୁପସ୍ଥିତ ରୁହନ୍ତି, ନ୍ୟାୟାଳୟ ଆଦେଶ IX ଅନୁଯାୟୀ  ପ୍ରଦାନ କରାଯାଇଥିବା ଯେକୌଣସି ପଦ୍ଧତି ରେ  ଆଗକୁ ବଢ଼ିପାରିବେ । ଅପରପକ୍ଷେ, ଯଦି ମକଦ୍ଦମାର କୌଣସି ପକ୍ଷ, ଯାହାଙ୍କୁ ପ୍ରମାଣ ଉପସ୍ଥାପନ କରିବା ପାଇଁ କିମ୍ବା ସାକ୍ଷୀଙ୍କୁ ଉପସ୍ଥିତ କରାଇବାକୁ ସମୟ ଦିଆଯାଇଛି, ଏପରି କରିବାରେ ବିଫଳ ହୁଅନ୍ତି କିମ୍ବା ଯେଉଁ କାର୍ଯ୍ୟ ପାଇଁ ସମୟ ମଞ୍ଜୁର କରାଯାଇଛି, ତାହା କରିବାରେ ବିଫଳ ହୁଅନ୍ତି, ତେବେ, ନ୍ୟାୟାଳୟ ନିଜ ବିବେକର ବଶବର୍ତ୍ତୀ ହୋଇ, ଏପରି ତ୍ରୁଟି ସତ୍ତ୍ୱେ ତୁରନ୍ତ ମକଦ୍ଦମାରେ ନିଷ୍ପତ୍ତି ନେଇପାରିବେ । ଯଦି ଏପରି ପକ୍ଷ ଅନୁପସ୍ଥିତ ଥାଆନ୍ତି, ତେବେ ନ୍ୟାୟାଳୟ ନିକଟରେ ଆଦେଶ-୨ ଅନୁଯାୟୀ

ଯେକୌଣସି ଗୋଟିଏ ଉପାୟରେ ଆଗକୁ ବଢିବା ପାଇଁ ଏକମାତ୍ର ବିକଳ୍ପ ରହିଛି । ***ପ୍ରକାଶ ଚନ୍ଦେର ମନଚନ୍ଦା ଓ ଅନ୍ୟଜଣେ (ପୂର୍ବୋକ୍ତ) ଏବଂ ମେସର୍ସ ରାଧିକା ଇଞ୍ଜିନିୟରିଂ ଇଣ୍ଡଷ୍ଟ୍ରିଜ୍ (ପୂର୍ବୋକ୍ତ)*** ମାମଲାରେ ମଧ୍ୟ ଏହା ନିର୍ଦ୍ଦେଶିତ ହୋଇଅଛି।

10. ବିଚାରାଧିନ ମାମଲାରେ, ବାଦୀଙ୍କ ତରଫରୁ ପ୍ରମାଣ ଉପସ୍ଥାପନର ଅନ୍ତ ପରେ, ପ୍ରତିବାଦୀଙ୍କ ତରଫରୁ ପ୍ରମାଣ ଉପସ୍ଥାପନ କରିବା ପାଇଁ ମକଦ୍ଦମାକୁ ଭିନ୍ନ ଭିନ୍ନ ତାରିଖକୁ ଘୁଞ୍ଚାଇ ଦିଆଯାଇଥିଲା । ଯେହେତୁ ସେ, ବିଚାର କରୁଥିବା ବିଦ୍ୱାନ ନ୍ୟାୟାଳୟକୁ ସହଯୋଗ କରିନଥିଲେ, ବାଦୀ -ପ୍ରତିପକ୍ଷ ଦଳ ସି.ଏମ୍.ପି. ସଂଖ୍ୟା: 112/2020 ରେ ଏହି ନ୍ୟାୟାଳୟକୁ ଆସିଥିଲେ, ଯାହା ଫେବୃଆରୀ 6,2020 ରେ ଆଦେଶ XVII ର ନିୟମ 1 ର ଉପ-ନିୟମ(2) ର ସର୍ତ୍ତ ଅନୁଯାୟୀ ଦୈନନ୍ଦିନ ଆଧାରରେ ମକଦ୍ଦମାର ଶୁଣାଣି କରିବାକୁ ନିର୍ଦ୍ଦେଶ ସହିତ, ସମାଧାନ କରାଯାଇଥିଲା । ଏହି ନ୍ୟାୟାଳୟର ନିର୍ଦ୍ଦେଶ ପରେ ମଧ୍ୟ, ପ୍ରତିବାଦୀ-ଆବେଦନକାରୀ ପ୍ରମାଣ ଉପସ୍ଥାପନ କରିନଥିଲେ ଏବଂ ବ୍ୟକ୍ତିଗତ ଭାବରେ କିମ୍ବା ତାଙ୍କ ବିଦ୍ୱାନ ଅଧିବକ୍ତା ଙ୍କ ମାଧ୍ୟମରେ ଉପସ୍ଥିତ ରହି ମୁଲତବି ପାଇଁ ନିବେଦନ କରିଚାଲିଥିଲେ । ନଥିରୁ ଜଣାପଡ଼େ ଯେ 2020 ମସିହା ମାର୍ଚ୍ଚ 7 ତାରିଖ ଦିନ, ପ୍ରତିବାଦୀଙ୍କ ଅନୁରୋଧ କ୍ରମେ 100 ଟଙ୍କା ର ଦେୟ ପ୍ରତିବଦଳରେ ମାମଲାର ଶୁଣାଣିକୁ ସାମୟିକ ସ୍ଥଗିତ ରଖାଯାଇଥିଲା । କିନ୍ତୁ ନା ସେ ମୂଲ୍ୟ ପ୍ରଦାନ କରିଥିଲେ ନା ମାମଲା ସମ୍ପର୍କିତ କୌଣସି ପ୍ରମାଣ ଉପସ୍ଥାପନ କରିଥିଲେ, ଯେଉଁଥିପାଇଁ ମକଦ୍ଦମାଟିକୁ ମୁଲତବି ରଖାଯାଇଥିଲା । ଅନ୍ୟପକ୍ଷରେ, ମୁଲତବି ପରେ, 4 ଅକ୍ଟୋବର, 2021ରେ, ପ୍ରତିବାଦୀ ନିଜେ ନ୍ୟାୟାଳୟରେ ହାଜର ହୋଇଥିଲେ ଏବଂ ପୁନଃ ମୁଲତବି ପାଇଁ ଏକ ଆବେଦନ ଦାଖଲ କରିଥିଲେ, ଯାହାକୁ ଶେଷ ସୁଯୋଗ ଭାବରେ ଅନୁମତି ଦିଆଯାଇଥିଲା ଏବଂ ତାଙ୍କ ତରଫରୁ ପ୍ରମାଣ ଦାଖଲ କରିବା ପାଇଁ ମକଦ୍ଦମାକୁ 5 ଅକ୍ଟୋବର,2021କୁ ଦିନ ଧାର୍ଯ୍ୟ କରାଯାଇଥିଲା । ଉକ୍ତ ତାରିଖରେ, ପ୍ରତିବାଦୀଙ୍କ ବିଦ୍ୱାନ ଅଧିବକ୍ତା, ପ୍ରତିବାଦୀଙ୍କ ଅସୁସ୍ଥତା ଆଧାରରେ ମୁଲତବି ପାଇଁ ଏକ ଆବେଦନ ଦାଖଲ କରିଥିଲେ, ଯାହାକୁ ସେହି ତାରିଖରେ ନ୍ୟାୟାଳୟ ଖାରଜ କରିଦେଇଥିଲେ ଏବଂ ନ୍ୟାୟାଳୟ ପ୍ରତିବାଦୀଙ୍କ ପ୍ରମାଣ ଦାଖଲ ପ୍ରକ୍ରିୟାକୁ ବନ୍ଦ କରିଦେଇଥିଲେ । ତେଣୁ, ଏହା ପ୍ରତୀୟମାନ ହୁଏ ଯେ ଯେଉଁ ତାରିଖରେ ମକଦ୍ଦମାର ଶୁଣାଣି ସ୍ଥିର କରାଯାଉଥିଲା, ସେହି ତାରିଖରେ ପ୍ରତିବାଦୀ ଏବଂ ତାଙ୍କ ଅଧିବକ୍ତା ଉପସ୍ଥିତ ରହୁଥିଲେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ପ୍ରତିବାଦୀଙ୍କ ତରଫରୁ

କୌଣସି ପ୍ରମାଣ ଉପସ୍ଥାପନ କରାଯାଇ ନାହିଁ । ତେଣୁ, ନିୟମ 2 ର ବ୍ୟାଖ୍ୟା ର ବିଚାରଧିନ ମାମଲା ନିମିତ୍ତ ପ୍ରଯୁଜ୍ୟ ନୁହେଁ । ଅଧିକନ୍ତୁ, ଏହି ମାମଲା ମଧ୍ୟ ଆଦେଶ XVII ନିୟମ 2 କିମ୍ବା ନିୟମ 3 (b) ସି.ପି.ସି. ର ପରିସରଭୁକ୍ତ ନୁହେଁ, କାରଣ ଯେଉଁ ତାରିଖରେ ମକଦ୍ଦମାର ଶୁଣାଣି ସ୍ଥିର କରାଯାଉଥିଲା, ସେହି ତାରିଖରେ ପ୍ରତିବାଦୀ ନିଜେ କିମ୍ବା ତାଙ୍କ ବିଜ୍ଞ ଅଧିବକ୍ତା  ଉପସ୍ଥିତ ରହୁଥିଲେ । ନିୟମ 2 କିମ୍ବା ନିୟମ 3 ଅନ୍ତର୍ଗତ ବ୍ୟବସ୍ଥା ପକ୍ଷର ଶାରୀରିକ ଉପସ୍ଥିତି ସୂଚିତ କରେ ନାହିଁ । ତେଣୁ,***ପ୍ରକାଶ ଚନ୍ଦେର ମନଚନ୍ଦା ଏବଂ ଅନ୍ୟଜଣେ (ପୂର୍ବୋକ୍ତ) ଏବଂ ମେସର୍ସ ରାଧିକା ଇଞ୍ଜିନିୟରିଂ ଇଣ୍ଡଷ୍ଟ୍ରିଜ୍ (ପୂର୍ବୋକ୍ତ)*** ରେ ବର୍ଣ୍ଣିତ ନିୟମ ଆବେଦନକାରୀଙ୍କୁ କୌଣସି ସହାୟତା ପ୍ରଦାନ କରେ ନାହିଁ ।

11. ନଥିରେ ଥିବା ତଥ୍ୟ ଆହୁରି ମଧ୍ଯ  ପ୍ରକାଶ କରେ ଯେ, ପ୍ରତିବାଦୀ ପି.ଡବ୍ଲ୍ୟୁ.-1 କୁ ପ୍ରତ୍ୟାହାର କରିବା ପାଇଁ ପ୍ରାର୍ଥନା କରିଥିଲେ, ଯାହାକୁ ଅନୁମତି ଦିଆଯାଇଥିଲା । ମକଦ୍ଦମାରେ ତର୍କ ପରିବେଷଣ ସମୟରେ ମଧ୍ୟ ପ୍ରତିବାଦୀ ଆଦେଶ VI ନିୟମ 17 ସିପିସିର ଅଧୀନରେ ଏକ ଅନୁରୋଧପତ୍ର ଦାଖଲ କରିଥିଲେ, ଯାହାକୁ ଖାରଜ କରାଯାଇଥିଲା । ପ୍ରତିବାଦୀ ମଧ୍ୟ ମକଦ୍ଦମାର ତର୍କରେ ଅଂଶଗ୍ରହଣ କରିଥିଲେ । ତେଣୁ, ପ୍ରତିବାଦୀଙ୍କର ମାମଲାଟି ଆଦେଶ XVII ନିୟମ 3 (କ) ସିପିସି ଅଧୀନରେ ଆସୁଅଛି, କାରଣ ପ୍ରତିବାଦୀ ସେହି କାର୍ଯ୍ୟ ସମ୍ପାଦନ କରିବାରେ ବିଫଳ ହୋଇଥିଲେ ଯେଉଁଥିପାଇଁ ତାଙ୍କ ଅଧିବକ୍ତା ଙ୍କ ମାଧ୍ୟମରେ ନ୍ୟାୟାଳୟରେ ହାଜର ହୋଇ ମକଦ୍ଦମାର ଶୁଣାଣି କୁ ମୁଲତବି ରଖାଯାଇଥିଲା ।

12. କୌଣସି ପକ୍ଷକୁ ନିଜ ଦୋଷରୁ ଫାଇଦା ଉଠାଇ ପ୍ରତିପକ୍ଷ ଉପରେ ପ୍ରତିକୂଳ ପ୍ରଭାବ ପକେଇବା ପାଇଁ ଅନୁମତି ଦିଆଯାଇପାରିବ ନାହିଁ । ନିୟମ 2 କିମ୍ବା ନିୟମ 3 ରେ ଏପରି କୌଣସି ବ୍ୟବସ୍ଥା ନାହିଁ ଯେ ଯଦି ପକ୍ଷ କୌଣସି ପ୍ରମାଣ ଉପସ୍ଥାପନ ନକରିବାକୁ ପସନ୍ଦ କରନ୍ତି, ତେବେ ନ୍ୟାୟାଳୟଙ୍କୁ ଆଦେଶ IX ଅନୁଯାୟୀ ପ୍ରଦାନ କରାଯାଇଥିବା ଯେକୌଣସି ପଦ୍ଧତିରେ ଆଗକୁ ବଢ଼ିବାକୁ ପଡିବ । ବିଚାରଧିନ ମାମଲାରେ, ପ୍ରତିବାଦୀଙ୍କର ଆଚରଣ ସ୍ପଷ୍ଟ ଭାବରେ ଦର୍ଶାଏ ଯେ, ସେ ନ୍ୟାୟାଳୟରେ ଉପସ୍ଥିତ ରହି ତାଙ୍କ ତରଫରୁ କୌଣସି ପ୍ରମାଣ ଉପସ୍ଥାପନ ନକରିବାକୁ ମନସ୍ଥ କରିଥିଲେ । ତେଣୁ, ଏହା କୁହାଯାଇପାରିବ ନାହିଁ ଯେ, ମକଦ୍ଦମାଟିରେ ଏକତରଫା ନିଷ୍ପତ୍ତି ନିଆଯାଇଥିଲା।

13. ମାନ୍ୟବର ନ୍ୟାୟାଳୟ ଦ୍ୱାରା କୌଣସି ସ୍ପଷ୍ଟ ଆଦେଶ ମଧ୍ୟ ପାରିତ ହୋଇନାହିଁ ଯେ ପ୍ରତିବାଦୀଙ୍କୁ ଏକତରଫା ଘୋଷଣା କରାଯାଇ ମକଦ୍ଦମାଟିକୁ ବିଚାର କରାଯାଇଛି ।

14. ତେଣୁ, ଉପରୋକ୍ତ ତଥ୍ୟ ଓ ପରିସ୍ଥିତି ଦୃଷ୍ଟେ ଏହି ନ୍ୟାୟାଳୟଙ୍କର ସୁଚିନ୍ତିତ ମତ ଏହା ଯେ, ବିଜ୍ଞ ବିଚାରପତିଗଣ ଆଦେଶ IX ନିୟମ 13 ସି.ପି.ସି ଅଧୀନରେ ଦାଖଲ ହୋଇଥିବା ଦରଖାସ୍ତ ଗ୍ରହଣୀୟ ନୁହେଁ କାରଣ ମକଦ୍ଦମାଟି ଉଭୟ ପକ୍ଷଙ୍କର ଉପସ୍ଥିତିରେ ନିର୍ଦ୍ଧାରିତ ହୋଇଛି ଏପରି ନିର୍ଣ୍ଣୟ କରି କୌଣସି ତ୍ରୁଟି କରି ନାହାନ୍ତି ।

15. ତଦନୁସାରେ, ସି.ଏମ୍.ପି. ଟି କୌଣସି ଯୋଗ୍ୟତା ନଥିବାରୁ, ଖାରଜ କରାଗଲା, କିନ୍ତୁ, ପରିସ୍ଥିତି ଦୃଷ୍ଟେ କୌଣସି ଦେୟ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଉନାହିଁ ।

ଉପଯୁକ୍ତ ଦରଖାସ୍ତ ଉପରେ ରାୟର ଜରୁରୀ ପ୍ରମାଣୀକୃତ ନକଲ ଜାରି କରନ୍ତୁ।

**(କୃଷ୍ଣ ରାମ ମହାପାତ୍ର)**

**ନ୍ୟାୟାଧୀଶ**

*ଏସ୍. ଏସ୍. ଶତପଥୀ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ; 3ୟ ମଇ,2023*

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦକ : - ଭବାନୀ ଶଙ୍କର ନାୟକ**

**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**